[illegible]

[[illegible]]

[illegible]

[illegible]

[illegible]



PRINTED BY

S. K. De at the

TOWN PRESS

BALASORE.

1931

ବାଜପେୟୀ ବଂଶ, ଏମାନେ ଶିଂଗା ବ୍ରାହ୍ମଣ । ଏମାନଙ୍କ ମଧ୍ୟରୁ କେତେକ ଷୋଳ ଶାସନବାସୀ "ବୈଦିକ ଶ୍ରେଣୀ" ବ୍ରାହ୍ମଣ ସଙ୍ଗରେ ସମ୍ପର୍କ କରି ଓ କୁଳ ଛାଡ଼ି ଯାଇଅଛନ୍ତି । କନୌ ଜପୁରରୁ ଉତ୍କଳ ବା ଓଡ଼ିଶା ମଧ୍ୟରୁ ଗୋଟିଏ ସୁଦ୍ଧା ଉତ୍ତରସ୍ଥଳରୁ ଆସି ନାହାନ୍ତି ।

ଉତ୍କଳାଧିପତି ଦ୍ୱାରା ନାଏବ କାର୍ଯ୍ୟରେ ନିଯୁକ୍ତ କେତେକ କରଣ, ସେନାପତି କାର୍ଯ୍ୟରେ ନିଯୁକ୍ତ କେତେକ ମହାନାୟକ ନାଗ, ନଗର ପୁରୋହିତମାନଙ୍କ ଅଧୀନ ଉତ୍କଳ ଅଧିକାର ଭୂମିରେ ବାସ କରାଇ ଥିଲେ । ଆଉ କେତେକ ସାଥୀ ବ୍ରାହ୍ମଣ ଯାତ୍ରୀମାନଙ୍କ ସଙ୍ଗରେ ଆସି ଉତ୍ତରସ୍ଥଳରେ ବାସ କରି ରହି ଯାଇ ଅଛନ୍ତି. କେବଳ ଏମାନେ ହିଁ ନିଜ କୁଳସଂଜ୍ଞାର ମର୍ମାର୍ଥ ବୁଝି ନପାରି ଦୋଷାନ୍ୱେଷିମାନଙ୍କ ନିକଟରେ ଅପଦସ୍ଥ ହୋଇ ଥାଆନ୍ତି । ଏହି କାରଣରୁ "ବ୍ରହ୍ମଯଜ୍ଞ ଭାଷା" ଗ୍ରନ୍ଥରୁ ଅତ୍ୟାବଶ୍ୟକୀୟ ଅଂଶ ଉଦ୍ଧାର କରି "କୁଳସଂଜ୍ଞା" ନାମ ଦେଇ ପ୍ରକାଶିତ କଲି । ସମସ୍ତ ଅଂଶ ପ୍ରକାଶିତ କରିବା ସାଧ୍ୟାତୀତ । ଏହି ସଂଜ୍ଞାପଦମାନ ଅନ୍ୟାନ୍ୟ ଧର୍ମଗ୍ରନ୍ଥ ସଙ୍ଗରେ ମେଳ ଥିବା ସ୍ଥଳରେ ସେମାନଙ୍କ ମଧ୍ୟ ଉଦ୍ଧାର କରି ନିମ୍ନରେ ଦେଖାଇ ଦେଲି । ଦୟାକରି ଏଥିରୁ ଖଣ୍ଡିଏ ଖଣ୍ଡିଏ ନେଲେ ଅନ୍ୟାନ୍ୟ ଉପକାରୀ ଗ୍ରନ୍ଥମାନ ପ୍ରକାଶିତ କରି ପାରିବ । ଅଳମତି ବିସ୍ତରେଣ ।

ବାଲେଶ୍ୱର ସ୍ୱନଦ୍ୱଷ୍ଠ } ବିନୀତ ପ୍ରକାଶକ—
ସଜନାସପୂର୍ଣ୍ଣଟୋଲ } ଶ୍ରୀ ରୁଦ୍ରନାରାୟଣ ଷଡ଼ଙ୍ଗୀ କାବ୍ୟତୀର୍ଥ ।

ଉତ୍କଳ ବ୍ରାହ୍ମଣର କୁଳସଂଜ୍ଞା ।

ବିଧିପୂର୍ବକ ଯଜ୍ଞକାରୀ ବ୍ରାହ୍ମଣଙ୍କୁ 'ଯଜ୍ୱା' ବୋଲନ୍ତି । କହ୍ନେ ଯଜ୍ୱାମାନଙ୍କର ପୁର 'ଯଜ୍ୱପୁର' । ପାଣିନି ମହର୍ଷି ଔଣାଦି ପ୍ରକରଣରେ ଉକ୍ତ ପ୍ରକାର ବ୍ରାହ୍ମଣଙ୍କୁ 'ଯାଜୀ' ବୋଲି ମଧ୍ୟ କୁହ ଅଛନ୍ତି । ଏହି ଯାଜୀମାନଙ୍କର ପୁର "ଯାଜପୁର" । 'ଯଜ୍ୱପୁର' ଅଥବା 'ଯାଜପୁର' ଏହି ଦୁଇଗୋଟି ଶବ୍ଦ ବର୍ତ୍ତମାନ ପ୍ରଚଳିତ ଯାଜପୁର ଶବ୍ଦର ଆଦ୍ୟଶବ୍ଦ ଅଟେ । ଏହି ଯାଜପୁରସ୍ଥ ଅଗ୍ନିହୋତ୍ରୀ ବ୍ରାହ୍ମଣମାନଙ୍କ ଗୃହରୁ ପ୍ରାଚୀନ ବାଜପେୟୀମାନଙ୍କ ଦ୍ୱାରା ଲିଖିତ କେତେଗୁଡ଼ିଏ ତାଳପତ୍ର ପୁସ୍ତକ ସଂଗ୍ରହ କରିଥିଲି । ସେଥିମଧ୍ୟରେ "ବ୍ରହ୍ମପରିଭାଷା" ନାମରେ ଖଣ୍ଡିଏ ଜରାଜୀର୍ଣ୍ଣ ତାଳପତ୍ର ପୁସ୍ତକ ତତ୍ରତ୍ୟ ସ୍ୱର୍ଗୀୟ ଘନଶ୍ୟାମ ଅଗ୍ନିହୋତ୍ରୀଙ୍କର ମଖଶାଳା ମଧ୍ୟସ୍ଥିତ ପୁସ୍ତକ ମାଢ଼ ମଧ୍ୟରୁ ପାଇଥିଲି । ସେ ଖଣ୍ଡିକ ପାଠ କରି ଐତିହାସିକ ବିବରଣ ଜାଣିଲା ପରେ ହୃଦୟ ଆନନ୍ଦ କଲ୍ଲୋଳରେ ଯେପରି ଭାସମାନ ହୋଇଥିଲା । ସେଥିର ସଂସ୍କୃତଭାଷା ଗୁଡ଼ିକ ଦେଖି ସେହିପରି ବିଷାଦ ମଧ୍ୟ ଅନୁଭବ କରିଥିଲି କିନ୍ତୁ ଯଣ ଚିନ୍ତାକରି ସ୍ଥିର କରିଥିଲି ଯେ—ଏ ପୁସ୍ତକ ଖଣ୍ଡିକ ଇତିହାସାନଭିଜ୍ଞ କୌଣସି ପୁରୋହିତ ଶ୍ରେଣୀର ବ୍ରାହ୍ମଣ ଦ୍ୱାରା ଲିଖିତ ହୋଇଥିବ । 'କାରଣ ଉତ୍କଳଦେଶର ଗୋଟିଏ ଚିରନ୍ତନ କୁପ୍ରଥା ଏହି ଯେ—ପୁରୋହିତ ବ୍ରାହ୍ମଣମାନେ ଭାଷା ଜ୍ଞାନର ମୂଳକାରଣ ବ୍ୟାକରଣର ଧାରକୁ ମୁଦ୍ଧା ଯାଆନ୍ତି ନାହିଁ । ଯଜମାନ ଯେତେ ବଡ଼ ବିଦ୍ୱାନ୍ ଏବଂ ଯେତେ ବଡ଼ ଧନୀ ହେଉନ୍ତୁ

ପକ୍ଷରେ ଏମାନେ କୌଣସି ଶଙ୍କା ନକରି ଅଶୁଦ୍ଧ
ସେମାନଙ୍କର ଧର୍ମ କର୍ମମାନ ସାଧନ କରୁଥାନ୍ତି; ଦଳ
ଶ୍ରେଣୀର ବ୍ରାହ୍ମଣବର୍ଗ କର୍ମାନୁଷ୍ଠାନ ବେଳେ ପ୍ରକୃତ
ପାଖରୁ ପୁଣି ପୁରାଇ ଦଅନ୍ତି ନାହିଁ । ଏମାନେ ମନକୁ ପ
ତାହାହିଁ ଗାଇଦେଇ ଚାଲି ଯାଆନ୍ତି । ବଗପୂର୍ବ ଏହି
କୌଣସି ବ୍ରାହ୍ମଣ ଯେ ଏ ଗ୍ରନ୍ଥର ଲେଖକ ଏଥିରେ
ସନ୍ଦେହ ନାହିଁ । ମାତ୍ର ଗ୍ରନ୍ଥନିଷ୍କୃତ ବଗପୂରୁଡକ ଶିରେ
ଏଥିରୁ ବୌଦ୍ଧଯୁଗ ଓ ବୈଦିକଯୁଗର ପରିଚୟ ସମ୍ପୂର୍ଣ୍ଣରୂପେ ଜଣାଯାଇ ପାରିବ ।

ଏହାର ପ୍ରଥମ ଶ୍ଳୋକ ଏହି ;—

" ବ୍ରାହ୍ମଣାନାଂ ପରୀକ୍ଷାର୍ଥଂ, ପ୍ରବୃତ୍ତେ ବ୍ରାହ୍ମଣା ପୁରା ।
ପରୀକ୍ଷିତ୍ୱା ପଂକ୍ତି କ୍ରମେ, ଶ୍ରେଣୀସଙ୍ଖ୍ୟା ପ୍ରକଳ୍ପିତଃ " ।

ଏପରି ଅଶୁଦ୍ଧ ଭାଷାମାନ ଲେଖି ସାହିତ୍ୟ ପଦ୍ଧତିର ଅଙ୍ଗକୁ ଦୂଷିତ କରିବା ନିତାନ୍ତ ଅସଙ୍ଗତ; ଅତଏବ ସ୍ୱବର କୌଣସି ବ୍ୟତିକ୍ରମ ନକରି ଭାଷା କେବଳ ପରିବର୍ତ୍ତିତ କରି ଅକାରାଦି କ୍ରମରେ ସଙ୍ଖ୍ୟାମାନ ଲେଖିବି । ଯେଉଁ ସଙ୍ଖ୍ୟାମାନ ଅନ୍ୟାନ୍ୟ ଧର୍ମ ଶାସ୍ତ୍ରମାନଙ୍କରେ ଅନୁମୋଦିତ ହୋଇଅଛି ସେହି ସେହି ସଙ୍ଖ୍ୟାର ନିମ୍ନରେ ଉକ୍ତ ପ୍ରମାଣମାନ ସମର୍ଥନ ନିମନ୍ତେ ଉଦ୍ଧାର କରିବି ।
ଉଲ୍ଲିଖିତ ଶ୍ଳୋକଟିର ଶୁଦ୍ଧ ଭାଷା ଏହି;—

" ବ୍ରାହ୍ମଣା ନାଂ ପରୀକ୍ଷାର୍ଥଂ, ବ୍ରହ୍ମା ପ୍ରବବୃତେ ପୁରା ।
ପରୀକ୍ଷ୍ୟ ପଂକ୍ତିଶଃ ଶ୍ରେଣୀଂ, ସଙ୍ଖ୍ୟାମ୍ ସମକଳ୍ପୟତ୍ " ।

ଅର୍ଥାତ୍ ପୂର୍ବକାଳରେ ବ୍ରହ୍ମା ବ୍ରାହ୍ମଣମାନଙ୍କୁ ପରୀକ୍ଷା କରି ସଙ୍ଖ୍ୟା ନିଧାନ ଦ୍ୱାରା ଶ୍ରେଣୀ ବିଭାଗ କରିଦେଲେ । ଉଲ୍ଲିଖିତ ପ୍ରମାଣରେ ଯେଁ ବ୍ରହ୍ମା ପଦର ଉଲ୍ଲେଖ ହୋଇଅଛି ଏ ବ୍ରହ୍ମା ସୃଷ୍ଟି

କର୍ତ୍ତା ବ୍ରହ୍ମା ତଥା ଯଜ୍ଞରେ ବ୍ରହ୍ମା ବରଣ ଦ୍ୱାରା ପୂଜିତ ଓ ପ୍ରତିଷ୍ଠିତ କୌଣସି ବ୍ରାହ୍ମଣ ଏ ମୀମାଂସାର ଭାର ପାଠକମାନଙ୍କ ଉପରେ ନ୍ୟସ୍ତ କଲି । କିନ୍ତୁ କରିବାର ଗୋଟିଏ କଥା ପୁଣି ସେମାନଙ୍କୁ ଦେଖାଇ ଦେଉଅଛି, "ନିଦ୍ରା ଭଙ୍ଗ ପରେ ବନ୍ଦିବ୍ୟକ୍ତି ପଠିତ ସ୍ତୋତ୍ର ଶ୍ରବଣ କଲାପରି" (ସୁପ୍ତପ୍ରତିବୁଦ୍ଧ ନ୍ୟାୟ) ସୃଷ୍ଟି କର୍ତ୍ତା ବ୍ରହ୍ମା ସୃଷ୍ଟିର ପ୍ରାରମ୍ଭରେ ବେଦମାନ ସ୍ମରଣ କରି ତଦନୁସାରେ ବ୍ରାହ୍ମଣମାନଙ୍କର ଦେବ ଓ ଶର୍ମ୍ମାପଦ ପ୍ରଦାନ କରି ଦେଇଥିଲେ, ଏ ଉଦ୍ଦେଶ୍ୟ ଘଟିଲା ଯେ ପୁନର୍ବାର "କରଶର୍ମ୍ମା ଓ ଧରଣୀଶର୍ମ୍ମା" ଆଦି ସଂଜ୍ଞାମାନ ପ୍ରଦାନ କରିଥିଲେ । ପାଠକଗଣ ବିଚାର କରିବେ । ବ୍ରାହ୍ମଣବର୍ଗଙ୍କ ନିକଟରେ କୃତାଞ୍ଜଳି ନିବେଦନ ଏହି ଯେ କୌଣସି ସଂଜ୍ଞାରେ ନିଜ କୁଳର ଅପକର୍ଷ ସୂଚନା ହୋଇ ଥିବାର ଦେଖି ମୋ ପ୍ରତି ଯେପରି କ୍ରୋଧ ନ କରନ୍ତି;—

୧ । ଅଗସ୍ତ୍ୟ ବା ପ୍ରଚଳିତ ଭାଷାରେ ଅଗସ୍ତି । ଏ ସଂଜ୍ଞା ସମ୍ବନ୍ଧେ ଉକ୍ତ ପୁସ୍ତକରେ ଲେଖାଅଛି ।

ବ୍ରାହ୍ମଣାନାଂ ସଦୋ ଗନ୍ତୁଂ, ବ୍ରହ୍ମା ବୃଦ୍ଧ ବହିର୍ଗତଃ ।
ଦ୍ୱାରସ୍ଥଂ ପର୍ଯ୍ୟଙ୍କଂ ବିପ୍ରଂ; ଦୃଷ୍ଟ୍ୱା ନେତ୍ର ସମଂ ଯଯୌ ।
ସଦୋଗତ୍ୱା ତଦା ପଶ୍ୟତ୍ ; ବାକ୍ପାରୁଷ୍ୟ ପରାନ୍ ଦ୍ୱିଜାନ୍
ଶ୍ୱେତା ଭୂଣିତ ନେତ୍ରୋଽସୌ, ତଂ ବିପ୍ରଂ ସ୍ମୃତ ଗସ୍ତବାନ୍ ।।
ସଂବୋଧ୍ୟୈନ ମଗସ୍ତ୍ୟେତି, ସଂଜ୍ଞାସ୍ତୁ ପ୍ରଦଦୌ ମୁଦମ୍ ।
ଅସ୍ୟା ନାମା ଦଦୌ ବିପ୍ରୋ, ବଶକଃ ସ୍ନାତକଂ ଗତଃ ।

ବ୍ରାହ୍ମଣ ସମାଜର ସଂସ୍କାରକ ବ୍ରହ୍ମା ବ୍ରାହ୍ମଣ ସମାଜକୁ ଯିବା କାରଣରୁ ଗୃହମଧ୍ୟରୁ ବାହାର ଦ୍ୱାର ଦେଶରେ ପର୍ଯ୍ୟଙ୍କ ସ୍ଥିତ ପ୍ରାଜ୍ଞ ପ୍ରତିଷ୍ଠା ପ୍ରାର୍ଥୀ କୌଣସି ବ୍ରାହ୍ମଣଙ୍କୁ ଦେଖି ପାଇଲେ ଏବଂ

ତାଙ୍କ ସହିତ ସଙ୍ଗରୁ ଯାଇ ଦେଖିଲେ ଯେ ବ୍ରାହ୍ମଣଗଣ ଆଗରୁ ଆସି (ସମ୍ଭବତଃ ମୁଁ ବଡ଼, ମୁଁ ବଶିଷ୍ଠ ଷଣ୍ଢବାଦ ଏ ଥିବ କହି) ପରସ୍ପର ମଧ୍ୟରେ କଳହ କରୁ ଅଛନ୍ତି । ଏହା ଦେଖି ଏପର କ୍ରୁଦ୍ଧ ହୋଇଥିଲେ ଯେ ତାଙ୍କର ଅକ୍ଷିଯୁଗଳ ରକ୍ତବର୍ଣ୍ଣ ହୋଇ ଗଲା (ତହୁଁ ଉକ୍ତ ବ୍ରାହ୍ମଣଙ୍କୁ "ଅହେ ଅଗସ୍ତ୍ୟ" ଏହି ସଂଜ୍ଞା ପଦଦ୍ୱାରା ସଂବୋଧନ କରି ତିରସ୍କାର କରିବାକୁ ଲାଗିଲେ । ଉକ୍ତ ବ୍ରାହ୍ମଣ ମଧ୍ୟ ଆଶା ପୂରଣ ନ ହେବାରୁ ଅସନ୍ତୁଷ୍ଟ ହୋଇ ନିଜ ଗୃହକୁ ପ୍ରସ୍ଥାନ କଲେ । ଅର୍ଥାତ୍ ସଂକ୍ରାନ୍ତିର ପରଦିନକୁ ଅଗସ୍ତ୍ୟ ହୋଷ୍ଟ ବୋଲନ୍ତି; ଏ ଦିନରେ ସାକ୍ଷାତ ଶୁଭକର୍ମ କରନ୍ତି ନାହିଁ । କଲେ ଅମଙ୍ଗଳ ଘଟେ । ଉକ୍ତ ବ୍ରାହ୍ମଣ ସହିତ ଯିବାରୁ ସଙ୍ଗରେ ଶୁଭ ଫଳକାର୍ଯ୍ୟ କରିପାରିଲେ ନାହିଁ, ତେଣୁ ତାଙ୍କୁ ଅମଙ୍ଗଳ ସୂଚକ ଜାଣି ସେପରି ସଂବୋଧନ କରି ତାଙ୍କୁ ତିରସ୍କାର କରିଥିଲେ । ପାଠକଗଣ ଉପରୋକ୍ତ ପ୍ରମାଣସ୍ଥିତ ପଦମାନଙ୍କୁ ହୃଦୟ ମଧ୍ୟରେ ସ୍ଥାନ ଦେଇ ଉତ୍ତମ ଭାବରେ ସମାଲୋଚନା କରିବେ । ଯାହାହେଲେ କୌଣସି ପ୍ରଥାର ମର୍ମଟି ସହଜରେ ଜାଣି ପାରିବେ । ସଂକ୍ରାନ୍ତିର ପରଦିନକୁ କାହିଁକି "ଅଗସ୍ତ୍ୟହୋଷ୍ଟ" ବୋଲନ୍ତି ଏ ସମସ୍ତ ଆଲୋଚନା ଉକ୍ତ ପ୍ରବନ୍ଧର ଉଦ୍ଦେଶ୍ୟ [illegible]

[illegible] । ଆଚାର୍ଯ୍ୟ [illegible]

"ସାଙ୍ଗଂ ବେଦଂ ପ୍ରବଦନଂ, ତତୋ ବ୍ୟାଖ୍ୟାୟ ଦ୍ୱିଜଃ ।
ବେଦପାଠ ବନ୍ଧୁବିଜ୍ଞ, [illegible] ଆଚାର୍ଯ୍ୟ [illegible]ଃ" ।

ବେଦପାଠ ଶିଖିବା ନିମନ୍ତେ ଯେଉଁ ସବୁ ବ୍ରାହ୍ମଣବାଳକ ମାନଙ୍କୁ ପ୍ରବଚନ ଅଙ୍ଗ ସହିତ ବେଦକୁ ବ୍ୟାଖ୍ୟା କରି ଶିକ୍ଷା ଦିଅନ୍ତି ଏପ୍ରକାର ବ୍ରାହ୍ମଣ "ଆଚାର୍ଯ୍ୟ" ସଂଜ୍ଞାରେ ଅଭିହିତ

ହୁଅନ୍ତି । ମନୁଙ୍କର ଦ୍ୱିତୀୟ ଅଧ୍ୟାୟରେ ଏହା ଉଲ୍ଲେଖ ଅଛି ।

"ଉପନୀୟ ତୁ ଯଃ ଶିଷ୍ୟଂ, ବେଦମଧ୍ୟାପୟେଦ୍ ଦ୍ୱିଜଃ ।
ସକଳ୍ପଂ ସରହସ୍ୟଂଚ, ତମାଚାର୍ଯ୍ୟଂ ପ୍ରଚକ୍ଷତେ" ।

ଯେଉଁ ବ୍ରାହ୍ମଣ ଶିଷ୍ୟଙ୍କୁ ଉପନୟନ କରାଇ ଯଜ୍ଞବିଦ୍ୟା ଓ ଉପନିଷଦ୍ ସହିତ ବେଦ ଅଧ୍ୟୟନ କରାନ୍ତି ତାଙ୍କୁ "ଆଚାର୍ଯ୍ୟ" ବୋଲନ୍ତି ।

୩ । ଉଦ୍‌ଗାତା (ଋତ୍ୱିକ୍) ।

"ଉଦାତ୍ତେନ ସ୍ୱରେଣୈବ, ସାମଗାନଂ କରୋତି ଯଃ ।
ସଏବୋଦ୍‌ଗାତୃସଂଜ୍ଞାବାନ୍, ସାମବେଦେଷୁ ପାରଗଃ" ।

ସାମବେଦରେ ପାରଗାମୀ ଯେଉଁ ବିପ୍ର ଉଦାତ୍ତ ସ୍ୱରରେ ସାମଗାନ କରନ୍ତି ଏପ୍ରକାର ବିପ୍ର "ଉଦ୍‌ଗାତା" ଏହି ସଂଜ୍ଞାରେ ବିଖ୍ୟାତ ହୁଅନ୍ତି ।

ବାଶିଷ୍ଠ ହଳଧର ରଥ ଧୃତ ସ୍ମୃତିଦର୍ପଣ ଗ୍ରନ୍ଥରେ ଉକ୍ତ ବ୍ରାହ୍ମଣର ଉଦ୍‌ଗାତା ସଂଜ୍ଞା ବୋଧକ ବେଦ ପ୍ରମାଣ ଯଥା ;—

"ଯାଜ୍ଞିକା ଯଜ୍ଞେ ଯାଜିତା ଉପଦେଷ୍ଟାରଂ
ଦାସ୍ତନ୍ତୁ ବାତ୍ସ୍ୟୋ ଉଦାତ୍ତଂ ସେବେତ" ।

ଯଜ୍ଞକାର୍ଯ୍ୟରେ ନିଯୁକ୍ତ ବ୍ରାହ୍ମଣଗଣ ସାମବେଦଜ୍ଞ ବ୍ୟକ୍ତିଙ୍କୁ ଉପଦେଶ ଦିଅନ୍ତି । ୧ ଉଦାତ୍ତ ଓ ଅନୁଦାତ୍ତ ସ୍ୱର ମଧ୍ୟରୁ ଉଦାତ୍ତସ୍ୱରକୁ ଅଭ୍ୟାସ କରିବ ଅର୍ଥାତ୍ ଉଚ୍ଚସ୍ୱରେ ଗାନ କରିବ ।

୪ । ହୋତା ।

"ଯଜ୍ଞେ ଦୀକ୍ଷା ଗୃହୀତାସ୍ତେ, ନିତ୍ୟଂ ହୋମପରା ଦ୍ୱିଜାଃ ।
ତେକଥ୍ ହବନ୍ତାରୋ ଯେ, କର ଶର୍ମାଣି ଏବତେ" ।

ଯେଉଁ ବିପ୍ରଗଣ ଯଜ୍ଞରେ ଦୀକ୍ଷା ଗ୍ରହଣ କରି ପ୍ରତିଦିନ

ଅଗ୍ନିରେ ଅହୁତ କରନ୍ତି ସେମାନେ କରଦଙ୍କା ଧାରୀଅଟନ୍ତି । ଭର-
ଦ୍ୱାଜ ଗୋତ୍ର ଜାତ ବ୍ରାହ୍ମଣଗଣ "କରଶର୍ମ୍ମା" ଏହ ସଂଜ୍ଞାରେ ପରି-
ଚିତ ହୁଅନ୍ତି । କର ଅର୍ଥାତ୍ ବୃତଶୀଳ କମ୍ବା ଅହୁତ ନିକ୍ଷେପଶୀଳ ।

୫ ତପୃଣ (ତଇଣ) ।

"ଯଜ୍ଞାର୍ଥଂ ଦ୍ରବ୍ୟ ସ୍ତଣୀନାଂ, ସଞ୍ଚୟୋ ଭୂରଶଃ କୃତଃ ।
ତତ୍ତ୍ୱାପି ଲୋଭ ବଶାତ୍, ଯେନଯଜ୍ଞୋ ନସାଧିତଃ ।
ବିଦ୍ୟା ପ୍ରବୀଣଂ ତଂ ବ୍ରହ୍ମା, ସମାହୂୟ ବଦନ୍ନ୍ୟତ ।
ତପୃଣ ସଂଜ୍ଞୟା ତସ୍ମାତ୍, ପ୍ରତିଷ୍ଠାଂ ନୈବ ଲବ୍ଧବାନ୍ ।

ଯେଉଁ ବିଦ୍ୟାବାନ୍ ବ୍ରାହ୍ମଣ ଯଜ୍ଞକରିବା କାରଣ ପ୍ରଚୁର ପରିମାଣରେ ଦ୍ରବ୍ୟ ସଞ୍ଚୟ କଲେ, ମାତ୍ର ସଞ୍ଚିତ ଦ୍ରବ୍ୟପ୍ରତି ଲୋଭ ଜନ୍ମିବାରୁ ଯଜ୍ଞାନୁଷ୍ଠାନ କଲେନାହିଁ । ଏପ୍ରକାର ବିଦ୍ୟାପ୍ରବୀଣ ବ୍ରାହ୍ମଣଙ୍କୁ ବ୍ରହ୍ମା ଡାକିଆଣି ନିନ୍ଦାକରି ଅର୍ଥାତ୍ "ତମେ ଦ୍ରବ୍ୟ ସଞ୍ଚୟଶୀଳ" ଏହିକଥା କହି "ତପୃଣ" ଆଖ୍ୟା ପ୍ରଦାନ କଲେ । ମାତ୍ର କୁଳ ପ୍ରତିଷ୍ଠା ଦେଲେନାହିଁ । ଏଥିରୁ ଏହି ପ୍ରତୀତ ହୁଏକି ବୌଦ୍ଧ ଧର୍ମ୍ମର ଅବସାନ ଓ ବୈଦିକ ଧର୍ମ୍ମର ପ୍ରାଦୁର୍ଭାବ ସମୟରେ ବ୍ରାହ୍ମଣମାନଙ୍କର ପରୀକ୍ଷା କାରଣ ଗୋଟିଏ ସ୍ଥାୟୀସଭା ସ୍ଥାପିତ ହୋଇଥିଲା । ବ୍ରହ୍ମା ଉପାଧିଧାରୀ ସର୍ବାଧିକ କୌଣସି ବ୍ରାହ୍ମଣ ଉକ୍ତ ସଭାର ସଭାପତି ଥିଲେ ।

୬ । ତ୍ରିପାଠୀ (ତିବାଡ଼ି) ।

ଋଚଂ ଯଜୂଂଷି ସାମାନି ତ୍ରୟୀଂ ବେଦଂ ପଠନ୍ତିଯେ ।
ତଦ୍ଗୁଣା ବ୍ରାହ୍ମଣା ଜ୍ଞେୟା ତ୍ରୟୀ ପାଠିନ ଏବଚ" ।

ଋକ୍, ସାମ, ଯଜୁ ଏହି ତିନି ବେଦକୁ ତ୍ରୟୀ ବୋଲନ୍ତି । ଏହି ତ୍ରୟୀ ପଠନଶୀଳ ବ୍ରାହ୍ମଣ "ତ୍ରୟୀପାଠୀ" ସଂଜ୍ଞାରେ ପ୍ରକଟିତ ହୋଇଥିଲେ । ସଂକ୍ଷେପରେ କହିବା ମାନବ ଜଣାଇ ଗୋଟିଏ

ସ୍ୱୀକାର ସୂଚକ ଧର୍ମ, ଉକ୍ତ ନିୟମାନୁସାରେ "ତ୍ରିପାଠୀ" ଶବ୍ଦ ପରିବର୍ତ୍ତନ ତ୍ରିପାଠୀ ଶବ୍ଦରେ ପୁଣି ଉପାଧି ସଂଜ୍ଞାରେ ପରିବର୍ତ୍ତିତ ହୋଇଅଛି ।

୨ । ଦାଶ ।

"ବିଦ୍ୟା ବ୍ରତ ପରିବୃଢା, ନିତ୍ୟଂ ଦାନସ୍ୟ କାରକାଃ ।
ଦାନାର୍ପଣସ୍ୟ ପାତ୍ରାଣି, "ଦାଶ" ସଂଜ୍ଞା ଧରାତଳେ ।
ମହର୍ଷିଃ କୌଶିକୋ ଯେଷାଂ, ପ୍ରଥମୋ ଗୋତ୍ର କାରକଃ ।
ଦାଶ ଶର୍ମେତି ବିଖ୍ୟାତଂ, ଲଭେରଂସ୍ତେ ଦ୍ୱିଜନ୍ମନାମ୍" ।

ଯେଉଁ ବିପ୍ରଗଣ ବିଦ୍ୟା ଓ ବ୍ରତ ପରିପୂର୍ଣ୍ଣ ଅଟନ୍ତି ଏବଂ ପ୍ରତିଦିନ ଅନ୍ନାଦି ବିତରଣ କରନ୍ତି ଏବଂ ସାଧାରଣ ଲୋକେ ଯାହାଙ୍କୁ ଦାନ ଦେବାର ଉପଯୁକ୍ତ ପାତ୍ର ବୋଲି ବିବେଚନା କରନ୍ତି ଏପ୍ରକାର ବିପ୍ରଗଣଙ୍କୁ "ଦାଶ" ସଂଜ୍ଞାରେ ଖ୍ୟାତ ହୁଅନ୍ତି କୌଶିକ ମହର୍ଷି ଯେଉଁ ବିପ୍ରଗଣର ଆଦିପୁରୁଷ ସେମାନେ ଦାଶଶର୍ମା ଖ୍ୟାତିକୁ ଲାଭ କରନ୍ତି । ପାଣିନି ମହର୍ଷି ଉଣାଦି ପ୍ରକରଣରେ "ଦାଶଃ ସମ୍ପ୍ରଦାନ ଯୋଗ୍ୟୋ ବ୍ରାହ୍ମଣଃ" ଦାନ ଦେବାର ଉପଯୁକ୍ତ ପାତ୍ରକୁ ଦାଶ ବୋଲି ନିର୍ଦ୍ଦେଶ କରିଅଛନ୍ତି । ମାତ୍ର ସଭାପର୍ବର ୫୧ ଅଧ୍ୟାୟରେ ଅନ୍ୟ ପ୍ରକାର ଲେଖାଅଛି ଯଥା;—

"ଗୋବାସନା ବ୍ରାହ୍ମଣାଶ୍ଚ ଦାଶନୀୟାଶ୍ଚ ସର୍ବଶଃ" ।

କୃଷିକାର୍ଯ୍ୟ ନିମନ୍ତେ ବଲୀବର୍ଦ୍ଦ (ବଳଦ) ପୋଷକ ବ୍ରାହ୍ମଣମାନେ ସର୍ବପ୍ରକାରେ "ଦାଶ" ପଦର ଯୋଗ୍ୟ ଅଟନ୍ତି । "ହିରଣ୍ୟ" ଆଦି ଛଅଗୋଟି ଶର୍ମା ହେବାର କାରଣ ଦେଖାଇବାର ପ୍ରକରଣରେ ଏଥିର ବିଶେଷ ଆଲୋଚନା କରିବି ।

୮ । ଦ୍ୱିବେଦୀ (ଦୁବେ) ।

ବେଦ ଦ୍ୱୟମଧୀତ୍ୟୈବ, ବ୍ରହ୍ମାଣ ମୁପ ଜଗ୍ମିବାନ୍ ।
ତତୋ ବ୍ରହ୍ମା ପରୀକ୍ଷ୍ୟୈବ, ଦ୍ୱିବେଦୀ ଇତି ମୁକ୍ତବାନ୍ ।

ଦୁଇଗୋଟିବେଦ (କେଉଁ ଦୁଇଗୋଟି ବେଦ ଏହା ଠିକ୍ ଲେଖା ନାହିଁ) ଅଧ୍ୟୟନ କରି ବ୍ରହ୍ମାଙ୍କ ସମୀପରେ ଉପସ୍ଥିତ ହେଲେ, ବ୍ରହ୍ମା ମଧ୍ୟ ତାଙ୍କୁ ପରୀକ୍ଷାକରି "ତ୍ୱଂ ଦ୍ୱିବେଦୀ" ଏହି ସଂଜ୍ଞାରେ ସମ୍ଭାଷଣ କରିଥିଲେ ।

୯ । ଦୀକ୍ଷିତ (ଚଳିତ ସଂଜ୍ଞା ଦତ୍ତ ବା ଦଳେଇ)

ସତତଂ ଯଜ୍ଞଦୀକ୍ଷାସୁ, ନବସ୍ଥାନାସୁ ବ୍ରତସଃ ।
ଦାନାଧ୍ୟୟନସମ୍ପନ୍ନା, ଦୀକ୍ଷିତାଖ୍ୟାଧସନ୍ତି ନାଃ ।

ଯେଉଁ ବ୍ରାହ୍ମଣମାନେ ଅନବରତ ଯଜ୍ଞରେ ଦୀକ୍ଷିତ ହୋଇ ଅବସ୍ଥାନ କରନ୍ତି ଏବଂ ଦାନ ଓ ବେଦାଧ୍ୟୟନରେ ସର୍ବଦା ଆସକ୍ତ ଥାନ୍ତି, ସୁତରାଂ ସର୍ବୋତ୍କୃଷ୍ଟାନ୍ ହେତୁରୁ ସେହି ମାନଙ୍କର ମତ ନିର୍ମଳ ଅଟେ । ଏ ପ୍ରକାର ବ୍ରାହ୍ମଣମାନଙ୍କୁ ବ୍ରହ୍ମା ଦୀକ୍ଷିତ ସଂଜ୍ଞା ଅର୍ପଣ କରିଥିଲେ । ସେହିଦିନଠାରୁ ସେମାନଙ୍କର ଅଧସ୍ତନ ବଂଶଧରମାନେ ଉକ୍ତସଂଜ୍ଞାରେ ପରିଚିତ ।

୧୦ । ଦେବତା ।

ଦେବୋଭୂତ୍ୱା ଦେବଭୂତେ ଦ୍ରବ୍ୟୈଃ ଦେବାର୍ଚ୍ଚନ କ୍ରିୟାମ୍ ।
ସର୍ବାଦସ୍ୟକଶ୍ଚୋତ୍ତ୍ରୋ ଦେବତାସନ୍ତିବାହୃତଃ ।
ଶସ୍ୟାନାଂ ଚାନ୍ତରଂ ତଂ ଦର୍ଶୟିତ୍ୱୈ ନୈବେଦ୍ୟମ୍ ।
ପ୍ରଭସ୍ୱାରହଙ୍କଂ ଦୃଷ୍ଟ୍ୱା ସେବକଂ ବ୍ରହ୍ମଚାନ୍ ବଦଃ ।

ପୂଜକ ବ୍ରାହ୍ମଣମାନେ ଭୂତଶୁଦ୍ଧି ଆଦି କ୍ରିୟାଦ୍ୱାରା ନିଜର ଆତ୍ମାକୁ "ସୋଽହଂ" ଭାବରେ ପୂଜନୀୟ ଦେବତା ସ୍ୱରୂପ ଭାବନା କରନ୍ତି, ପୂଜା କାଳରେ ଉପସ୍ଥିତ ପ୍ରସାଦ ଦ୍ରବ୍ୟକୁ ମଧ୍ୟ ଗୀଷଣାଦ

ଦକ୍ଷସ୍ୟାବଦ୍ଧ୍ୟାସ ହେତୁଭୂତାସ୍ୱରୂପ ବନ୍ଧନ୍ୟ ନଷ୍ଟଥାନ୍ତି । ତ୍ରାସ ମଧ୍ୟରେ ଦଳୀୟ ପ୍ରତିମାରେ ସୂକ୍ଷ୍ମ ନାନାପ୍ରକାର ମନ୍ତ୍ରଦ୍ୱାରା ତାର ଦେବତ୍ୱ ସ୍ଥାପନ କରନ୍ତି, ତାହାପରେ ତାକୁ ଅଭିନ୍ନସ୍ୱରୂପ ଚିନ୍ତା କରନ୍ତି । ଏହି ସମସ୍ତ ବିଧାନ କଲେ ଯାଇ ଦେବପୂଜା ସିଦ୍ଧ ହୋଇଥାଏ । ସେହିଁ ବ୍ରାହ୍ମଣ ଭିନ୍ନ ଅଧିକାରୀଙ୍କ ପ୍ରତିଷ୍ଠିତ ଦେବ ପୂଜା ସମ୍ପାଦନ କରନ୍ତି ଯେଉଁମାନେ, ସେହିପରି ବ୍ରାହ୍ମଣଙ୍କୁ "ଦେବଳ" ବୋଲି କହିଥିଲେ, ମାତ୍ର ବର୍ତ୍ତମାନ ସ୍ଥଳରେ ଦେଖିଲେ ଯେ ସେ ପାଣ୍ଡବ ନୀତିରେ (ଯଥା ଶେଷ ବା ଦ୍ୱିତୀୟ) ଅସଦ୍ ଅଟନ୍ତି, ତେବେ ସେହି ସ୍ଥାନ ତାଙ୍କର ଭିନ୍ନ ବ୍ୟବସ୍ଥା ହେଉ ନାହିଁ ଦେଇ ସେହିପରି ବ୍ରାହ୍ମଣ ମଧ୍ୟରେ ଗଣ୍ୟ ହୁଅନ୍ତି ।

୨୮ । ଧର୍ମ/ଯୋଗପ୍ରବରାଦି ଭିନ୍ନ ହେଲେ ଏବଂ "ଧର୍ମିଷ୍ଠା ଦେବଳ" ନାମରେ ପ୍ରଚଳିତ ବନ୍ଧୁ ଦେଶ ଦାକ୍ଷୀ ଉତ୍କଳ ବ୍ରାହ୍ମଣ ମାନଙ୍କର ଏ ସଙ୍ଗ ଚଳିଥିବାର ଦେଖିଥିଲେ ଏହା ଶୁଣିଲେ ଏ ସମ୍ପର୍କରେ ଅନ୍ୟ ବନ୍ଧୁ କହୁଥାଆନ୍ତି ଯେ ମାତ୍ର ପ୍ରଥା ଉଚିତ ମଧ୍ୟରେ ବ୍ରାହ୍ମଣ ଲୋକ ଅନ୍ତର୍ଭୁକ୍ତମାନେ "ଧର୍ମଯାଜୀ" ଅଶୋଭନ ପରିଚିତ ହୁଅନ୍ତି ।

(ପରାଶର ସଂହିତା)

ଯାଜ୍ଞବାକ୍ୟ ସ୍ମୃତିଭାଷ୍ୟ ଯଜ୍ଞ ଗ୍ରନ୍ଥ ପାଠତଃ ।
ଶୁଦ୍ଧ ଦ୍ୱିଜ ଧର୍ମବର୍ଯା ଶୋଭିତା ଧର୍ମ ସ୍ମୃତ୍ୟୁକ୍ତ
ତପସ୍ୱୀନଃ ସ୍ମୃତେ ଶ୍ରେଷ୍ଠା ଓ ବୈଦିକସ୍ତୁ ମହାଶୁଦ୍ଧ ।
ଭକ୍ତବୋଧା ନ ଭଜନ୍ତେ, ଧର୍ମଦର୍ଶନ ସବଳେ ।

ଯଜ୍ଞାଦି ବ୍ରାହ୍ମଣମାନଙ୍କର ଯଜ୍ଞ କାର୍ଯ୍ୟରେ ପୁରୋହିତ ବରଣରେ ନାହିଁ ହୋଇ ଯେଉଁ ବ୍ରାହ୍ମଣମାନେ ଯଜ୍ଞଗ୍ରନ୍ଥ ପାଠ କରୁଥାନ୍ତି ସେହି ଓ ସ୍ମୃତି ଶାସ୍ତ୍ରରେ ଅଭିଜ୍ଞ ବୈଦିକ ବ୍ରାହ୍ମଣମାନଙ୍କର ଦକ୍ଷିଣମାନେ ଧର ସଙ୍ଗରେ ପରିଚିତ ହୋଇ ଅଛନ୍ତି, ତପସ୍ୱି,

ଶ୍ରେଷ୍ଠ ଗୌତମ ମହର୍ଷିଙ୍କର ଗୋତ୍ରଜାତ ବ୍ରାହ୍ମଣମାନେ ଷଡ଼ଙ୍ଗୀ ବୋଲି ପରିଚିତ ହୋଇଥାନ୍ତି।

୮। କର (ଅନ୍ନପ୍ରଦ)।

କରାର୍ଦ୍ଧିଃ ପଙ୍କ୍ତିଯୋଗ୍ୟା, ବାଗ୍ମୀ ସ୍ୱବର୍ଗାଗ୍ରଣୀ ଦ୍ୱିଜଃ।
ଶ୍ରୌତସ୍ମାର୍ତ୍ତ କ୍ରିୟାବନ୍ତୋ, କର ସଂଜ୍ଞାଂ ପ୍ରଲବ୍ଧବାନ୍।
କଶ୍ୟପାନ୍ୱୟ ସମ୍ଭୂତେ, ବିଦ୍ୟା ବ୍ରତ ପରେ ସ୍ଥିତାଃ।
ଉଦ୍ଗୀଥୋ ବ୍ରାହ୍ମଣୋ ଜ୍ଞେୟଃ, ପ୍ରୋଚ୍ୟତେ କରଶର୍ମଣା।

ଯେଉଁ ବ୍ରାହ୍ମଣମାନଙ୍କର ବିଦ୍ୟା 'ବପୁ ବାର୍ଦ୍ଧି ବଂଶ ଓ ବୟସ ଏହି ପଞ୍ଚ ପଦାର୍ଥ ସୁପ୍ରଶସ୍ତ ଥିଲେ, ଏଣୁ ସମାଜେ ଯେଉଁ-ମାନେ ପଙ୍କ୍ତିଯୋଗ୍ୟ ପଣ୍ଡିତମାନଙ୍କର ଅଗ୍ରଣୀ ଅର୍ଥାତ୍ ନେତା ହୋଇଥିଲେ, ଶ୍ରୁତି ଓ ସ୍ମୃତି ବହୁତ କ୍ରିୟାରେ ନିପୁଣ ସେ ପ୍ରକାର ବ୍ରାହ୍ମଣମାନେ ବ୍ରହ୍ମାଙ୍କଠାରୁ କରସଂଜ୍ଞା ଲାଭ କରିଥିଲେ ପୁଣି ଯେଉଁମାନେ କଶ୍ୟପ ଗୋତ୍ରରେ ଜନ୍ମଗ୍ରହଣ କରିଅଛନ୍ତି ବିଦ୍ୟାବାନ୍ ଓ ବ୍ରତନିଷ୍ଠ ସେପ୍ରକାର ବ୍ରାହ୍ମଣମାନେ କରଶର୍ମା ଆଖ୍ୟାରେ ପରିଚିତ ହୋଇଥାନ୍ତି। ବସ୍ତୁତଃ ଏମାନେ ସାମଗାନ ଦ୍ୱାରା ଅନ୍ନ ପ୍ରଦାନ କରୁଥିଲେ।

୯। ପତି (ମୁଖ୍ୟ ସଦସ୍ୟ)।

ସଦସି ବ୍ରାହ୍ମଣାନାଂ ଯେ, ବିଦ୍ୟା ପ୍ରଭବଭର୍ଗଣୈଃ।
ମୁଖ୍ୟତ୍ୱଲବ୍ଧସଦସଃ, ପତୟସ୍ତେ ସମାହୃତାଃ।
ମୁଦଗଲସ୍ୟ ସଗୋତ୍ରାଯେ, ବିଦ୍ୟାବିନୟ ଶାଳିନଃ।
ତେଷୁ ଷଣ୍ଡଳୁବାଚ୍ୟାତ୍ୱୌ, ପତିଶର୍ମେତି ବିଶ୍ରୁତାଃ।

ବିଦ୍ୟା ଓ ବିନୟାଦି ଗୁଣଦ୍ୱାରା ଯେଉଁ ବ୍ରାହ୍ମଣମାନେ ବ୍ରାହ୍ମଣ ସଭା ମଧ୍ୟରେ ମୁଖ୍ୟତ୍ୱ ଲାଭକରି ଥିଲେ ବ୍ରହ୍ମା ସେପ୍ରକାର ବ୍ରାହ୍ମଣମାନଙ୍କୁ "ସଦସ୍ପତି" ଆଖ୍ୟାରେ ଆହ୍ୱାନ କରିଥିଲେ।

ମୂର୍ଦ୍ଧାଭିଷିକ୍ତର ଗୋଷ୍ଠୀଜାତ ସେ ପ୍ରକାର ବ୍ରାହ୍ମଣମାନେ ସଦ୍ଭାବ ବାକ୍ୟରେ "ପଣ୍ଡଶର୍ମା" ବୋଲି ଉଲ୍ଲେଖ କରଥାନ୍ତି । ମାତ୍ର ମନୁସଂହିତାର ସପ୍ତମ ଅଧ୍ୟାୟରେ "ଗ୍ରାମପତି, ଦଶ ଗ୍ରାମପତି, ବିଂଶ ଗ୍ରାମପତି, ଶତ ଗ୍ରାମପତି" ପଦ ପ୍ରମାଣମାନଙ୍କରେ ଲିଖିତ ଥିବାର ଦେଖୁଅଛୁଁ; ଉକ୍ତ ପ୍ରମାଣମାନଙ୍କର ଲେଖା ଭଙ୍ଗିରୁ ଏହାହିଁ ହୃଦୟଙ୍ଗମ ହୁଅଇ ଯେ— ସେ ସମସ୍ତ କାର୍ଯ୍ୟରେ ବ୍ରାହ୍ମଣମାନେହିଁ ନିଯୁକ୍ତ ଥିବାର ସମ୍ପୂର୍ଣ୍ଣ ସମ୍ଭବ । ଗ୍ରାମାଦି ରକ୍ଷା କାର୍ଯ୍ୟରେ ନିଯୁକ୍ତ ଉକ୍ତ ସଂଜ୍ଞାଧାରୀ ବ୍ରାହ୍ମଣମାନଙ୍କର ଗ୍ରାମପତ୍ୟାଙ୍କ ବର୍ତ୍ତମାନ କାଳକ୍ରମରେ କେବଳ 'ପତି' ସଂଜ୍ଞାରେ ରହିଯାଇ ଥିବାର ମୋର ଅନୁମାନ ।

୧୪, ୧୫ । ପଣ୍ଡା ଓ ପାଢ଼ୀ ।

(ଏହି କୁଳ ସଂଜ୍ଞାର ଅପଶବ୍ଦ ପାଣ୍ଡ୍ୟ ବା ପାଣ୍ଡେୟ ଓ ପାଠୀ ବା ପାଠକ) ।

ପାଣ୍ଡେୟାଃ ପାଠକୋ ବିପ୍ରାଃ ସ୍ୱଦେଶା ଦକ୍ଷମାନକଃ ।
ବ୍ରାହ୍ମଣୋ ବଚନଂ ଶ୍ରୁତ୍ୱା, ନାବୋଚୁଃ ସ୍ୱଦେଶଜାଃ ।
ମୌନିନୋଽଧୋମୁଖା ସ୍ତୈବ, ତସ୍ମାଦ୍ବ୍ରହ୍ମା ରୁଷୋପଦ ।
ଦେବାଂଶ ସାମାନକୋଽହର୍ଷ, ବ୍ରାହ୍ମଣେଭ୍ୟୋ ନ ଦତ୍ତବାନ୍ ।

ପାଣ୍ଡେୟ ଓ ପାଠୀ ସଂଜ୍ଞାଧାରୀ ବ୍ରାହ୍ମଣମାନେ ବ୍ରହ୍ମାଙ୍କର ବଚନ ଶୁଣି "ଅମ୍ଭମାନଙ୍କର ଏ ଜନ୍ମଭୂମି । ବିଦେଶରୁ ଆସି ଏ ଦେଶରେ ଉପନିବେଶ ସ୍ଥାପନ କରିନାହୁଁ, ଅମ୍ଭମାନଙ୍କର କୁଳସଂଜ୍ଞା ପୂର୍ବରୁ ପ୍ରଚଳିତ ଅଛି । ଅନ୍ୟ ସଂଜ୍ଞା ଗ୍ରହଣ କରିବାରେ ଆବଶ୍ୟକତା କଣ ?" ଏହି ଅଭିମାନରୁ ତଳକୁ ମୁହଁକରି ଚୁପ ହୋଇ ରହିଲେ ଏବଂ ଉତ୍ତର ଦେଲେ ନାହିଁ । ତହୁଁ ବ୍ରହ୍ମା କୋପାନ୍ୱିତ ହୋଇ ଏପ୍ରକାର ବ୍ରାହ୍ମଣମାନଙ୍କୁ କୁଳ ପ୍ରଶସ୍ତ

ଦେଖିଲେନାହିଁ । ଏହିଠାରେ ପଣ୍ଡିତ ରଘୁଦାସ ଲେଖିଅଛନ୍ତି । "ପୂର୍ବେ ଏ ଦେଶରେ ବ୍ରାହ୍ମଣ ନଥିଲେନାହିଁ । କାନ୍ୟକୁବ୍ଜରୁ ଆନୀତ ବ୍ରାହ୍ମଣମାନେ ଉପନିବେଶ ସ୍ଥାପନ କରି ଏ ଦେଶରୁ ପ୍ରତିଷ୍ଠିତ କରିଅଛନ୍ତି" । ଏପ୍ରକାର ଧାରଣା ଭ୍ରମମୂଳକ ଅଟେ । ଅରଣ୍ୟ ପର୍ବରେ ୧୧୪ ଅଧ୍ୟାୟ ପାଠରୁ ଜଣାଯାଏ ଯେ, ପୂର୍ବେ ବୈତରଣୀ କୂଳରେ ବହୁସଂଖ୍ୟକ ଯାଜ୍ଞିକ ବ୍ରାହ୍ମଣମାନେ ବାସ କରୁଥିଲେ । ଯୁଧିଷ୍ଠିର ମହାଶୟଙ୍କ ସମ୍ମୁଖରେ ଏ ଦେଶର ଭୂୟସୀ ପ୍ରଶଂସା ଗାନ କରି ଅଛନ୍ତି । ଏଣୁ ଏ ପ୍ରାଚୀ ସଂସ୍ଥାୟୀ ବ୍ରାହ୍ମଣମାନେ ସେହି ଯାଜ୍ଞିକମାନଙ୍କର ବଂଶଧର ହୋଇ ଥିବାର ସମ୍ଭବ ; କେବଳ ପୂର୍ବ ପ୍ରଚଳିତ କୁଳସଂଜ୍ଞା ତ୍ୟାଗକରି ବ୍ରହ୍ମା ଦେଇଥିବା ସଂଜ୍ଞା ଗ୍ରହଣ କରିବାକୁ ଅନିଚ୍ଛା ଦେବାରୁ ଏବଂ ତାଙ୍କ କଥାରେ କିଛି ଉତ୍ତର ନଦେଇ ତାଙ୍କୁ ଅପମାନ କରିବାରୁ ବ୍ରହ୍ମା କୋପାନ୍ୱିତ ହୋଇ ସେମାନଙ୍କର କୁଳ ପ୍ରତିଷ୍ଠା ଭଙ୍ଗ କରି ଦେଲେ । [illegible] ପଣ୍ଡିତ କାନ୍ୟକୁବ୍ଜରେ ପାଣ୍ଡେ ପାଠକ ସଂଜ୍ଞାଧାରୀ ବ୍ରାହ୍ମଣମାନେ ପ୍ରତିଷ୍ଠା ପାଉଥିବା ସ୍ଥଳରେ ଏଦେଶରେ ଏହି କୁଳ ସଂଜ୍ଞାଧାରୀ ବ୍ରାହ୍ମଣମାନେ ପ୍ରତିଷ୍ଠା ପାଇ ନଥିବାର ମୂଳକାରଣ [illegible] ଜଣାଯାଉନାହିଁ ଫଳତଃ ପଣ୍ଡିତ ପାଣ୍ଡେ ବା ପାଣ୍ଡେୟ ଶବ୍ଦ ଏବଂ ପାଠକ ଶବ୍ଦ [illegible] ଅଛି । ମିଶ୍ର ସଂଜ୍ଞା [illegible] ଏହି କୁଳ ସଂଜ୍ଞା [illegible] ପରବର୍ତ୍ତୀରେ [illegible] ଥିବାର [illegible] ବ୍ରାହ୍ମଣସନ୍ଦରେ ଏ ସମ୍ବନ୍ଧରେ ବିଶେଷ ଆଲୋଚନା କରିବି ।

୨ । ପାଣିଗ୍ରାହୀ ।

"ଗୃହୀତ୍ୱା ଶାସନଂ ରାଜ୍ଞଃ ବ୍ରାହ୍ମଣୈଃ ପରିକଳ୍ପିତ ।
ଦ୍ୱିଜୋ ବୈ [illegible] ସୋହି ପାଣିଗ୍ରାହୀ ସଉଚ୍ୟତେ" ।

ବ୍ରାହ୍ମଣମାନେ ଦୁଇ ଶ୍ରେଣୀରେ ବିଭକ୍ତ ହୋଇ ଯେଉଁ ସ୍ୱତନ୍ତ୍ର ଭୂଖଣ୍ଡର ମଧ୍ୟସ୍ଥଳରେ ଯିବା ଆସିବା କାରଣ ବାଟ ରଖି କରନ୍ତି, ଗ୍ରାମମାନଙ୍କର ପର ଦୁଇ ଶ୍ରେଣୀରେ ବିଭକ୍ତ ଗୃହ ପଂକ୍ତିରେ ବାସ କରନ୍ତି ଏବଂ ଉକ୍ତ ଭୂଖଣ୍ଡରେ ଅବସ୍ଥାନପୂର୍ବକ ଦେଶ ବିଦେଶରେ ଧର୍ମୋପଦେଶ ପ୍ରଚାର କରନ୍ତି ବୋଲି ଉକ୍ତ ଭୂଖଣ୍ଡର ନାମ "ଶାସନ" ହୋଇଅଛି । ଏହି "ଶାସନ" ଶବ୍ଦ ଅତି ପ୍ରାଚୀନକାଳରେ ପ୍ରଚଳିତ ଥିଲା । ଶାନ୍ତିପର୍ବରେ ଓ ଶିଶୁପାଳ ବଧ ମହାକାବ୍ୟରେ ଉପରୋକ୍ତ ଅର୍ଥବୋଧକ ହୋଇ ପ୍ରଯୁକ୍ତ ହୋଇଅଛି । ପୂର୍ବକାଳରେ ରାଜାମାନେ ବୈଦିକ ବ୍ରାହ୍ମଣ ପାଇଁ ଏହି ଉକ୍ତ ଶାସନ ସ୍ଥାପିତ କରୁଥିଲେ । ପ୍ରକୃତ ଧାର୍ମିକ ବ୍ରାହ୍ମଣମାନେ ସ୍ୱହସ୍ତରେ ଦାନ ଗ୍ରହଣ ପ୍ରଥାକୁ ଅସଙ୍ଗତ ବିଚାର କରି ତ୍ୟାଗ କରନ୍ତି, ମାତ୍ର ଯେଉଁ ବ୍ରାହ୍ମଣ ରାଜାମାନଙ୍କ ନିକଟରୁ ଉକ୍ତ ଭୂଖଣ୍ଡ ଗ୍ରହଣ କରି ତାହା ଶିଷ୍ୟ ପ୍ରଶିଷ୍ୟ ଆଦି ଅନ୍ୟାନ୍ୟ ବ୍ରାହ୍ମଣମାନଙ୍କୁ ଅର୍ପଣ କରନ୍ତି, ଏପ୍ରକାର ବ୍ରାହ୍ମଣମାନେ "ପାଣିଗ୍ରାହୀ" ନାମରେ ଖ୍ୟାତ ହୋଇଥାନ୍ତି ।

ପାଣି

ଅନ୍ନୂତା ସ୍ୱଧ୍ୟା ବେଦର ବ୍ରହ୍ମୋ ନାଗତାନ୍ଦ୍ୱିଜାଃ ।
ଯଦ୍ୟପି ନୃପେ ବକ୍ଷଦଲା ଉତ୍ସ୍ତେ ବୈଧଙ୍କ ଦୃତଃ ।
ପଣସ୍ତୁ ଜାବନ୍ନ୍ୟାତ୍ମାଙ୍କଂ ନାପ୍ରସ୍ତ ବନ୍ୟତେ ଦକ୍ଷେ ।
ତେଷାଂ ତତ୍ ବଚନଂ ଶ୍ରୁତ୍ୱା ପଶ୍ଚାତ୍ତାମାସ ତାନ୍ ପୁନଃ ।
ବେଦଦେବ ମନ୍ତ୍ରବ୍ୟାଖ୍ୟାନ୍ ଅସମ୍ୟକ୍ କର୍ମ କାରଣଃ ।
ଦ୍ୱିଜାଂ ସ୍ଥାନ ପୁନରପ୍ୟାହ "ଯୂୟଂ ଭବତ ପାଣିକାଃ" ।

ବିଧାତା ଯେଉଁ ବ୍ରାହ୍ମଣମାନଙ୍କୁ ଆହ୍ୱାନ କଲେ ସୁଦ୍ଧା ସେମାନେ ବିଳମ୍ବ କରି ଆସିଲେ, ବିଳମ୍ବରେ ଆସିବାର କାରଣ

ପଚାରନ୍ତେ ସେଉଁମାନେ ଦଳବଦ୍ଧ ହୋଇ ପ୍ରତ୍ୟୁତ୍ତର କଲେ — ବାଣିଜ୍ୟ ବ୍ୟବସାୟ ଆମ୍ଭମାନଙ୍କର ଜୀବିକା । ଅନ୍ୟପ୍ରକାର କୌଣସି ବ୍ୟବସାୟ ଆମ୍ଭମାନଙ୍କର ନାହିଁ — ତଥାପି ସେମାନଙ୍କର ଉକ୍ତ କଥା ଶୁଣି ସେମାନଙ୍କ ପରୀକ୍ଷା କରି ଦେଖିଲେ ଯେ ଉକ୍ତ ବ୍ରାହ୍ମଣମାନେ ଅଳ୍ପ ମାତ୍ର ବେଦାଭ୍ୟାସ ଓ ନକ୍ଷତ୍ର କର୍ମରୁ ଜୀବିକା କରୁଅଛନ୍ତି । ଏହି ସମସ୍ତ ବିଚାର ଭୂମ୍ୟେମାନେ ପାଣି ଆଖ୍ୟାରେ ଖଣ୍ଡିତ ଦ୍ୱିଜ ବୋଲି ଅଭିହିତ କରିଥିଲେ ।

ମହାପାତ୍ର ।

ରାଜ୍ଞା ଭୂପତୟଃ ଶ୍ରୈବ ଯେଷାଂ ଯୋଗ୍ୟାନ୍ ଦର୍ଶନାତ୍ ।
ବସୁଧା ସ୍ତ୍ରାଦୃଶା ବିପ୍ରା ମହାପାତ୍ରା ଇତି ସ୍ମୃତାଃ ।
ବୈତନ୍ୟଦାପି ତ୍ର ସଙ୍ଗା ଶାଣିକାପ୍ର ପ୍ରଚକ୍ଷତେ ।
ଦାନଗ୍ରାହକମପ୍ୟନ୍ୟେ ମହାପାତ୍ରଂ ପ୍ରଚକ୍ଷତେ ।

ଯେଉଁ ବ୍ରାହ୍ମଣମାନଙ୍କର ଯୋଗ୍ୟତା ଦେଖି ବିପ୍ରମାନେ ଓ ରାଜାମାନେ ବଶେଷ ପ୍ରଭାବିତ ମୁଗ୍ଧ ହୋଇଥିଲେ, ସେପ୍ରକାର ବ୍ରାହ୍ମଣମାନେ ମହାପାତ୍ର ସଂଜ୍ଞାରେ ଭୂଷିତ ହୋଇଥାନ୍ତି । କେହି କେହି ଉକ୍ତ ସଂଜ୍ଞାକୁ ଶାଣିକାପ୍ର ବୋଲି କହିଥାନ୍ତି । ଅର୍ଥାତ୍ ଉକ୍ତ ସଂଜ୍ଞାଧାରୀ ବ୍ରାହ୍ମଣମାନେ ରାଜାମାନଙ୍କର ମହାମନ୍ତ୍ରୀ ଥିଲେ ବୋଲି ଉକ୍ତ ସଂଜ୍ଞା କହୁଥାନ୍ତି । ଅପର କେହି କେହି ବ୍ୟକ୍ତି ଉକ୍ତ ସଂଜ୍ଞାଧାରୀ ବ୍ରାହ୍ମଣଙ୍କୁ ଦାନଗ୍ରାହୀ ବ୍ରାହ୍ମଣ ବୋଲି ଅର୍ଥାତ୍ ଦାନର ଉପଯୁକ୍ତ ପାତ୍ର ବୋଲି କହୁଥାନ୍ତି ।

ମିଶ୍ର ।

ଯେଷାଂ କୁଳ କ୍ରମାଯାତା ମିଶ୍ର ସଂଜ୍ଞା ହି ଜନ୍ମନାମ୍ ।
ତେଷାଂ ପୁତ୍ରପୌତ୍ରାଣାଂ ସ୍ତ୍ରୀପୁତ୍ରମାଣି ଶିଷ୍ୟକ୍ ।

ମିଶ୍ର ସଂଜ୍ଞାର ଶେଷ ଅର୍ଥରେ ବୋଧକ ହୋଇ ଅନେକ

ପ୍ରାଚୀନ ଗ୍ରନ୍ଥମାନଙ୍କରେ ପ୍ରଯୁକ୍ତ ହୋଇଥିବାର ଦେଖିବାକୁ ପାଉ । ଯେଉଁ ବ୍ରାହ୍ମଣମାନଙ୍କର ଏହି ସଂଜ୍ଞା ଅନାଦି ପର-ମ୍ପରାରେ ଚଳି ଆସୁଅଛି ବ୍ରହ୍ମା ସେମାନଙ୍କର ଏହି ପ୍ରାଚୀନ ସେହି ସଂଜ୍ଞାକୁ ଅନୁମୋଦନ କରି ସ୍ଥାପନ କଲେ, ପରିବର୍ତ୍ତନ କଲେ ନାହିଁ ।

ରଥୀ ।

ଶବ୍ଦବ୍ରହ୍ମାର୍ଥ ଅଶ୍ୱଯୁକ୍ତୋ ମନଃ ପ୍ରଗ୍ରହବାଂସ୍ତଥା ।
ଇନ୍ଦ୍ରିୟାଶ୍ୱାନ୍ନିଯନ୍ତ୍ରାଦ୍ୟୈ ର୍ବୁଦ୍ଧ୍ୟା ବୁଦ୍ଧିଂ ସାରଥିମ୍ ॥
ଯୋଗାରୂଢ଼ାସ୍ୱରଚତ୍ୱ ବିପ୍ର ଉଚ୍ୟତେ ରଥ ସଂଜ୍ଞୟା ।
ଅତସ୍ତୁ ବୈଦ୍ୟୁତାହୂତ୍ୱନଃ ପ୍ରୋଚ୍ୟତେ ରଥଶର୍ମଣା ॥

ବୁଦ୍ଧିକୁ ସାରଥି କରି ଶବ୍ଦବ୍ରହ୍ମରୂପ ରଥରେ ଅଶ୍ୱବେଦଣ୍ଡ ଯୋଚି ଅଛନ୍ତି, ଏବଂ ମନରୂପ ରଜ୍ଜୁ ଦ୍ୱାରା ଇନ୍ଦ୍ରିୟରୂପ ଅଶ୍ୱକୁ ସଂଯତ କରିପାରୁ ଅଛନ୍ତି, ଯେଉଁ ବିପ୍ର ଏ ପ୍ରକାର ହୋଇ ଯୋଗାରୂଢ଼ାବସ୍ଥାରେ ଅଛନ୍ତି, ଏ ପ୍ରକାର ବ୍ରାହ୍ମଣଙ୍କୁ ହିଁ ବ୍ରହ୍ମା ରଥ ସଂଜ୍ଞା ପ୍ରଦାନ କରିଥିଲେ । ଅତଏବ ସୋଦ୍ଭାବ ସେ ପ୍ରକାର ବ୍ରାହ୍ମଣଙ୍କୁ ରଥଶର୍ମା ବୋଲି କହୁଥିଲେ । ଏହି ସଂଜ୍ଞାର ସମର୍ଥନକାରୀ ପ୍ରମାଣ କଠୋପନିଷଦର ତୃତୀୟବଲ୍ଲୀରେ ଭାଗବତର ସପ୍ତମ ସ୍କନ୍ଧର ପଞ୍ଚମ ଅଧ୍ୟାୟରେ ବିଦ୍ୟମାନ ଅଛି ।

ଷଡପଥୀ ।

ଷଡପଥ ବ୍ରାହ୍ମଣାଶ୍ଚ ଯଜ୍ଞବେଦାଂଶ ପାରଗାଃ ।
ଶୁଦ୍ଧ ବୁଦ୍ଧୋବିନିର୍ମଳାଃ ତେ ଷଡପଥ୍ୟୋବୋଦ୍ଧିତାଃ ।

ଷଡପଥ ଏହି ସୃଷ୍ଟିରେ ବର୍ଣ୍ଣାଶ୍ରମପାରଗାମୀ ହୋଇ ଶୁଦ୍ଧଚିତ୍ତ ଓ ନିଷ୍ପାପ ଅଟନ୍ତି, ସେ ପ୍ରକାର ବ୍ରାହ୍ମଣଙ୍କୁ ବ୍ରହ୍ମା "ଷଡପଥୀ" ଏହି ସଂଜ୍ଞା ଅର୍ପଣ କରିଥିଲେ । ବସ୍ତୁତଃ "ଷଡ ସ୍ତୋମମର୍ଦ୍ଦାନ୍ତ୍ୟ"

ପ୍ରକୃତ ବୋଧ ସ୍ଥଳରେ "ଶତପଥିକ" ଶବ୍ଦଟିଏ ଉକ୍ତ ପ୍ରକାର ଅର୍ଥର ବୋଧକ ହୋଇ ବର୍ତ୍ତମାନ ଥିବାର ଦେଖିବାକୁ ମିଳେ । ତେବେ ଏହି 'ଶତପଥିକ' ଶବ୍ଦଟି "ଶତପଥୀ" ସଂଜ୍ଞାରେ ପରିଣତ ହୋଇ ପ୍ରଚଳିତ ହୋଇ ଆସୁଅଛି । କେହି କେହି ପଣ୍ଡିତ ଭ୍ରମବଶତଃ "ସତ୍ପଥି" ବୋଲି ମଧ୍ୟ କହୁଥାନ୍ତି ।

ଶୁକ୍ଳ ।

ବଦାନ୍ୟା ବନସ୍ଥ ସମ୍ଭୂତାଃ, ତୀର୍ଥାଟନ ପ୍ରତିଷ୍ଠିତାଃ ।
ଶୁକ୍ଳବେଶାଃ ସୁକର୍ମାଣଃ, ଶୁକ୍ଳସଂଜ୍ଞାଧରାଃ କୃତାଃ ।

ଯେଉଁ ବ୍ରାହ୍ମଣ ତପସ୍ୟା ଓ ବନସ୍ଥ ଆଦି ସଦ୍‌ଗୁଣରେ ଭୂଷିତ ଅଥଚ ନାନା ତୀର୍ଥରେ ଭ୍ରମଣ କରିବା ହେତୁରୁ ସମାଜ ମଧ୍ୟରେ ପ୍ରତିଷ୍ଠା ପାଇ ଅଛନ୍ତି ଏବଂ ଯାହାଙ୍କର ବେଶ ଓ କର୍ମ ଶୁକ୍ଳ ଅଟେ, ବ୍ରହ୍ମା ଏ ପ୍ରକାର ବ୍ରାହ୍ମଣଙ୍କୁ "ଶୁକ୍ଳ" ଏହି ସଂଜ୍ଞା ଅର୍ପଣ କରିଥିଲେ । କିନ୍ତୁ ମୋ ମନରେ ଏହି ଧାରଣା ହୁଏ ଯେ ଏହି ସଂଜ୍ଞାଧାରୀ ଜାଜପୁରବାସୀ ବୈଦିକ ବ୍ରାହ୍ମଣ ବନ୍ଧୁମାନଙ୍କ ପରେ ଆସି କିଛିକାଳ ପୂର୍ବରୁ ଥିବାର ଶୁକ୍ଳ ସଂଜ୍ଞାକୁ ସ୍ୱତନ୍ତ୍ର ପରିଚୟ ଏ ଦେଶବାସୀ ବ୍ରାହ୍ମଣ ସହିତ ମିଶିଯାଇ ଅଛନ୍ତି, "ଶୁକ୍ଳ" ଏହି ସଂଜ୍ଞାଟି "ସୁକୁ" ଏହି ସଂଜ୍ଞାରେ ପରିବର୍ତ୍ତିତ ହୋଇ ଯାଇଅଛି ।

ଷଡ଼ଙ୍ଗୀ ।

ଷଡ଼ଙ୍ଗ ସହିତାନ୍ ବେଦାନ୍, ପଠନ୍ତି ପାଠୟନ୍ତି ଯେ ।
ଶୁଦ୍ଧସତ୍ତ୍ୱା ଗତପାପାଃ ସଂଜ୍ଞସ୍ତେ ଷଡ଼ଙ୍ଗିନଃ ।

ଯେଉଁ ବ୍ରାହ୍ମଣମାନେ କଳ୍ପ ଆଦି ଷଡ଼ଙ୍ଗ ସହିତ ବେଦମାନ ସ୍ୱୟଂ ପଠନ କରନ୍ତି ଏବଂ ଅନ୍ୟ ବ୍ରାହ୍ମଣ ବାଳକମାନଙ୍କୁ ପଠନ କରାନ୍ତି, ଏ ପ୍ରକାର କାର୍ଯ୍ୟ କରୁଥିବାରୁ ସେହି ମାନଙ୍କର ମାନ-

ଯିବ ସ୍ଥଳ ବିଶୁଦ୍ଧ ଷଡ଼ଙ୍ଗବିତ୍ ସ୍ୱୟଂ ଶ୍ରୋତ୍ରିୟ ଅଟନ୍ତି, ଏ ପ୍ରକାର ବ୍ରାହ୍ମଣମାନେ "ଷଡ଼ଙ୍ଗୀ" ଏହି ସଂଜ୍ଞାରେ ପରିଚିତ ହୋଇ ଆସୁଅଛନ୍ତି ।

ଫଳତଃ ଏହି ସଂଜ୍ଞା "ଷଡ଼ଙ୍ଗବିତ୍" ସଂଜ୍ଞାରୁ ବାହାରି ଥିବାର ସମ୍ଭବ । ବେଦ ସଂହିତା ପୁରାଣ ଓ ତନ୍ତ୍ରମାନଙ୍କରେ ଏହି ସଂଜ୍ଞାର ବହୁସଂଖ୍ୟକ ପ୍ରମାଣ ଥିବାରୁ ଦେଖିବାକୁ ମିଳେ ଯଥା;—

"ଯଦବାଚ୍ୟାଂ ଷଡ଼ଙ୍ଗବିତ୍—ଇତ୍ୟାଦି (ପରାଶର ସଂହିତା) ।

ହୋତା ।

[ତଦ୍ବତ ଉଦ୍ଗାତା, ଉଦ୍ଗୀତା ସଂଜ୍ଞାରୁ ମଧ୍ୟ ଏ ସଂଜ୍ଞା ବାହାରି ଅଛି ।]

ଋଗ୍ବେଦୀ ଧାର୍ମିକୋ ବିପ୍ରୋ ନିତ୍ୟଂ ହୋମସ୍ୟ କାରକଃ ।
ଯଜ୍ଞବେଦୀ ପ୍ରବୀଣାଶ୍ଚ ତେ ହୋତାରଃ ସମାହୃତାଃ ।

ଋଗ୍ବେଦୀୟ ପୁରୋହିତ ଯେଉଁ ବ୍ରାହ୍ମଣମାନେ ଯଜ୍ଞ ସଭାରେ "କଳ୍ପ" ନାମକ ବେଦାଙ୍ଗରେ (ଏଥିରେହିଁ ଯଜ୍ଞ ସଭାର ପରିଚାଳନା ବିଧିମାନ ଅଛି) ପ୍ରବୀଣ ହୋଇ ପ୍ରତିଦିନ ହୋମ ସାଧନ କରନ୍ତି ସେମାନେହିଁ "ହୋତା" ଏହି ଆଖ୍ୟାରେ ବ୍ରାହ୍ମଣ ଦ୍ୱାରା ଅଭିହିତ ହୋଇଥିଲେ । ଅର୍ଥାତ "ହୋତା" ଏହି ସଂଜ୍ଞାର ପୂର୍ବୋକ୍ତ ମୂଳ ପଦ ହୋଇଅଛି "ଉଦ୍ଗାତା" ଏମାନେ ସାମବେଦାଧ୍ୟାୟୀ ଭାବରେ ବେଦଗାନ କରନ୍ତି । କିନ୍ତୁ ହୋତୃବର୍ଗ "ହୋତା" ଏମାନେ ଋଗ୍ବେଦାଧ୍ୟାୟୀ ନିତ୍ୟ ହବନ କରନ୍ତି ।

ଏ ପର୍ଯ୍ୟନ୍ତ ଉକ୍ତାନୁସାରେ କ୍ରମଶଃ ଉତ୍କଳ କୁଳସଂଜ୍ଞା ପ୍ରମାଣ ପ୍ରଦର୍ଶିତ ହେଲା । ଏହାପରେ "କୁଳ" ବ୍ରହ୍ମପଞ୍ଜିକା ଗ୍ରନ୍ଥରେ ପୂର୍ବତନ ଗୋଷ୍ଠୀ ତାଲିକାରୁ ମିଳୁଥିବା ଗୋଷ୍ଠୀ ପଦରେ ଲେଖା ଅଛି ଯଥା;—

ନତ୍ୟଂ ବାଦନ ଦ୍ରଷ୍ଟାରଃ ସ୍ମୃତିବକ୍ତାର ନାରକାଃ
ବେଦଜ୍ଞା ମନ୍ତ୍ରିଣୋ ବିପ୍ରାଃ ସାଙ୍ଗବ୍ରହ୍ମବିଦଃ ସ୍ମୃତାଃ ।
ସାମଦାନ ଭେଦ ଦଣ୍ଡା ଇତ୍ୟୁପାୟ ଚତୁଷ୍ଟୟମ୍ ।
ଏଷୁଦ୍ୟତଂ ବୁଦ୍ଧିମନ୍ତଂ ବେଦାଭ୍ୟାସାନୁସଂହିତମ୍ ।
ସନ୍ଧ୍ୟାସ୍ତ୍ରିଷୁପାଳାନାଂ ଜ୍ଞାତ୍ୱାବେଦ ବିଦାଂବରଃ ।
ଉପସଂଜ୍ଞାଂ ନିର୍ଣ୍ଣିତ୍ୱା ଚତୁର୍ଦ୍ଦଶ ମୁନିବ୍ୟାନ୍ ।
ସ୍ୱଙ୍ଗାଂ ପ୍ରାଣ ନିର୍ମାତୃଗଣ ପୂତସ୍ୟ ଧାରଣାବଧି ।
ପ୍ରଦତ୍ତବର୍ଦ୍ଧକଂ କାଳଂ ଦଣ୍ଡଛତ୍ରାଦ ଧାରଣାତ୍ ।
ସ ନ-ପ୍ରଭୃତୟଶ୍ଚୈବ ପ୍ରାଃ ପ୍ରଦର୍ଶିତ ଇତି ସ୍ମୃତଃ ।
ଉପସଂଜ୍ଞା ବ୍ରାହ୍ମଣାନାଂ ମୁଖ୍ୟା ପରିକଳ୍ପିତାଃ ।

ଏହି ଶ୍ଳୋକଗୁଡ଼ିକ ପ୍ରମାଣ ନ୍ୟାୟ୍ୟରୁ ଅନୁବାଦ ଅନାବଶ୍ୟକ । ଏହି ଶ୍ଳୋକରୁ ସ୍ପଷ୍ଟ [ମୁକ୍ତିକାସାମା] ଓ ଦାନକ ବ୍ରାହ୍ମଣମାନଙ୍କର ଯେଉଁ ଉପାଧି ଲେଖାଅଛି ସେମାନେ ଏବେ ଅଳ୍ପତରା ପଦ୍ଧତି ଦେଖାଯାଏ ।

ପ୍ରସଙ୍ଗ କ୍ରମେ ଲେଖୁଅଛୁ ଉତ୍କଳ ବ୍ରାହ୍ମଣମାନେ ତିନିଥି । ଯାଜପୁର ଶ୍ରେଣୀ, ଦକ୍ଷିଣ ଶ୍ରେଣୀ ଓ ଜଗନ୍ନାଥ ଶ୍ରେଣୀ । ଏହି ଦ୍ୱି ବିଧ ଶ୍ରେଣୀ ମଧ୍ୟରେ ଜାତିଗତ ପାର୍ଥକ୍ୟ ଥିବା ଜଣାଯାଏ । ସେ ସମସ୍ତର ଅନୁସନ୍ଧାନ ଅନାବଶ୍ୟକ ମାତ୍ର ନିର୍ଣ୍ଣୟ ଅଦ୍ୟ ତ କାରଣରୁ ନେଉଅଛୁ । ଏ ଅନ୍ତର ଅନୁସନ୍ଧାନ ଅନାବଶ୍ୟକ ।

ମୁଁ ଯାଜପୁର ଉଚ୍ଚଇଂରାଜୀ ବିଦ୍ୟାଳୟରେ ପ୍ରଥମ ପଣ୍ଡିତ ଥିବା ସମୟରେ ୰ ସଦାଶିବ ବିଦ୍ୟାରତ୍ନ ଓ ୰ ଦାମୋଦର ବିଦ୍ୟା-ବାଗୀଶ ନାମରେ ଦୁଇଜଣ ପ୍ରସିଦ୍ଧ ପଣ୍ଡିତ ସେସ୍ଥାନରେ ବାସକରୁଥିଲେ । ସେ ଦୁଇ ପଣ୍ଡିତଙ୍କଠାରୁ ଉପାଧି ଅବଧି ସମ୍ବନ୍ଧରେ ଯାହା ଶୁଣିଥିଲି ତାହା ନିମ୍ନରେ ଉଦ୍ଧୃତ କଲି ଯଥା :—

"କରଶର୍ମା ଭରଦ୍ୱାଜଃ, ପଦ୍ମଶର୍ମା ଚ ମୁଦ୍‌ଗଲଃ ।
ଅତ୍ରେୟସ୍ତୁ ରଥଶର୍ମା ସ୍ୟାତ୍, ନନ୍ଦଶର୍ମା ଚ କାଶ୍ୟପଃ ।
ଗୌତମୋ ଧରଶର୍ମା ସ୍ୟାତ୍, ଦାଶଶର୍ମା ଚ କୌଣ୍ଡିକଃ ।"

ବ୍ରହ୍ମାଙ୍କ ଯଜ୍ଞରେ ଭରଦ୍ୱାଜ ଗୋତ୍ରୋତ୍ପନ୍ନ ଯେଉଁ ବ୍ରାହ୍ମଣ ଅଧ୍ୱର୍ଯ୍ୟୁ ହୋଇ ଯତ୍ନପୂର୍ବକ ଅଗ୍ନିରେ ଆହୁତି ନିକ୍ଷେପ କରୁଥିଲେ, ଏହି କାରଣରୁ ବ୍ରହ୍ମା ତାଙ୍କୁ "କରଶର୍ମା" ଆଖ୍ୟା, ଏବଂ ମୁଦ୍‌ଗଲ ଗୋତ୍ରୋତ୍ପନ୍ନ ଯେଉଁ ବ୍ରାହ୍ମଣ ସଦସ୍ୟ ହୋଇଥିଲେ ତାଙ୍କୁ "ସଦସ୍ପତି" ହୋଇ ଏହା ସଂକ୍ଷେପରେ "ପଦ୍ମଶର୍ମା" ଆଖ୍ୟା; ଅତ୍ରେୟ ଗୋତ୍ରୋତ୍ପନ୍ନ କୌଣସି ବ୍ରାହ୍ମଣ ଉକ୍ତ ଯଜ୍ଞରେ ବ୍ରହ୍ମା ବରଣ ପାଇ ଯୋଗୀପରି ଶାନ୍ତ ଓ ଧୀର ଭାବରେ ଉକ୍ତ ବ୍ରାହ୍ମଣମାନଙ୍କର ଭଲ ମନ୍ଦ କାର୍ଯ୍ୟମାନ ଦେଖାଦେଖି କରୁଥିଲେ ଯେ ବ୍ରହ୍ମା ତାଙ୍କର ଉକ୍ତ ପ୍ରକାର କାର୍ଯ୍ୟରେ ସନ୍ତୁଷ୍ଟ ହୋଇ କଠୋପନିଷଦର ରଥସ୍ୟ ବୁଦ୍ଧିର ପ୍ରମାଣ ତାଙ୍କଠାରେ ସାର୍ଥକ ହୋଇ ଥିବାର ଦେଖି "ରଥଶର୍ମା" ଆଖ୍ୟା; ଉକ୍ତ ଯଜ୍ଞରେ କାଶ୍ୟପ ଗୋତ୍ରୋତ୍ପନ୍ନ ବେଦ-ବିଦ୍ୟା-ବିଶାରଦ କେହି ବ୍ରାହ୍ମଣ ଉଦ୍‌ଗାତା ହୋଇ ଉଦାତ୍ତ ସ୍ୱରରେ ବେଦଗାନ କରି ସାଧୁମାନଙ୍କୁ ଆନନ୍ଦିତ କରୁଥିଲେ ବୋଲି ତାଙ୍କୁ "ନନ୍ଦଶର୍ମା" ଆଖ୍ୟା; ଉକ୍ତ ଯଜ୍ଞରେ ଗୌତମ ଗୋତ୍ରୋତ୍ପନ୍ନ କୌଣସି ବଶିଷ୍ଟ ବ୍ରାହ୍ମଣ ପ୍ରତିକାର୍ଯ୍ୟ ରୂପେ ନିଯୁକ୍ତ ହୋଇ ଯଜ୍ଞଭାର ଧରିଥିଲେ। ତାଙ୍କୁ "ଯଜ୍ଞ ଧରଶର୍ମା" ପଦଟି ଉଚ୍ଚାରଣ ପକ୍ଷରେ ଅଶୁଦ୍ଧ ହେବାରୁ କେବଳ "ଧରଶର୍ମା" ଆଖ୍ୟା, ପୁଣି ଉକ୍ତ ଯଜ୍ଞରେ କୌଣ୍ଡିକ ଗୋତ୍ରୋତ୍ପନ୍ନ କୌଣସି ବ୍ରାହ୍ମଣ ଦାସ କାର୍ଯ୍ୟରେ ନିଯୁକ୍ତ ହୋଇ ଯଜ୍ଞୀୟ ଦ୍ରବ୍ୟ ସଂଗ୍ରହାଦି କାର୍ଯ୍ୟ ସାଧନ କରୁଥିବାରୁ ତାଙ୍କୁ "ଦାଶଶର୍ମା" ଆଖ୍ୟା ପ୍ରଦାନ କରିଥିଲେ ।

ଏହି ଏହି ବ୍ରାହ୍ମଣମାନଙ୍କର କୁଳଜାତ ବ୍ରାହ୍ମଣମାନେ ଏବେ ସୁଦ୍ଧା ଉକ୍ତ ଷଡ୍ବିଧ ସଂଜ୍ଞା ପଦମାନଙ୍କରେ ପ୍ରସିଦ୍ଧ ହୋଇଅଛନ୍ତି । ଉକ୍ତ କରଣମାନଙ୍କ ଛଅ ପ୍ରକାର ସଂଜ୍ଞା ଚଳନ ବିଷୟରେ ଆଉ ଗୋଟିଏ ବଶିଷ୍ଠ ପ୍ରମାଣ ମଧ୍ୟ କହୁଥିଲେ । ଉତ୍କଳ ଦେଶରେ କୌଣସି ବୈଦିକ କାର୍ଯ୍ୟ ହେଲାବେଳେ ସଙ୍କରୁ ଅନୁଜ୍ଞା ଗ୍ରହଣ ସମୟରେ ନିମ୍ନଲିଖିତ ବଚନଟିକୁ ବର୍ତ୍ତମାନ ସୁଦ୍ଧା ଉତ୍କଳ ବ୍ରାହ୍ମଣମାନେ ବ୍ୟବହାର କରୁ ଅଛନ୍ତି । ଯଥା;—

"ସର୍ବେଙ୍ଗିରସେ ବ୍ୟାସ ସମାଃ, ସର୍ବେ ତେ ବେଦପାରଗାଃ ।
ମମୈତସ୍ମିନ୍ କର୍ମକାଳେ, ଷଡ୍ଧୀ ସଙ୍ଘ ପ୍ରଦୀୟତାମ୍ ।"

ଉକ୍ତ ଉଦ୍ଧାରରେ ଅନେକଙ୍କ କେହି କେହି ବ୍ରାହ୍ମଣମାନେ "ଷଡ୍ବିଧଃ" ଏହି ପଦ ନକହି "ସର୍ଭିଃ" ବୋଲି କହୁଥାନ୍ତି । ଏଥିପାଇଁ ସେମାନେ ନିଜର ଅଜ୍ଞତା ମାତ୍ର ପରିଚୟ ଦେଇଥାନ୍ତି । ମାତ୍ର ଗଦାଧର ରାଜଗୁରୁ ଉପରୋକ୍ତ ଛଅ ପ୍ରକାର କୁଳସଂଜ୍ଞାକୁ ଲୌକିକ ସଂଜ୍ଞା ଅର୍ଥାତ କଳ୍ପିତ ବୋଲି ଏବଂ ଶାସ୍ତ୍ରୀୟ ଦେବଶର୍ମା-ପଦକୁ କେବଳ ବ୍ୟବହାର ଯୋଗ୍ୟ ବୋଲି କୁଳସାର ଗ୍ରନ୍ଥରେ ଉଲ୍ଲେଖ କରିଅଛନ୍ତି । ପଦାସ୍ପୁର ଶ୍ରେଣୀ ବ୍ରାହ୍ମଣମାନଙ୍କ ମଧ୍ୟରୁ "ମାସ୍ତାନ" (ମସ୍ତକାଧାନୀ) ଅର୍ଥାତ ମୁଣ୍ଡରେ ଟୋପି ବନ୍ଧନ୍ତି, ଏବ ଏହାଙ୍କ ଶ୍ରେଣୀ ବ୍ରାହ୍ମଣମାନଙ୍କ ସମ୍ବନ୍ଧରେ ଉତ୍କଳଦେଶରେ ନାନା ପ୍ରକାର ପ୍ରବାଦ ପ୍ରଚଳିତ । କେହି କେହି କହନ୍ତି ପଦ୍ମାବତୀ କନ୍ୟାକୁ ମହାରାଜ ପୁରୁଷୋତ୍ତମ ଦେବଙ୍କ ଅର୍ପଣ ନ କରି, କର୍ଣ୍ଣାଟ ରାଜା ନିଜ ଦୁର୍ଗକୁ ଲେଉଟି ଯିବାରୁ ମହାରାଜ ପୁରୁଷୋତ୍ତମଦେବ ତାଙ୍କ ପ୍ରତି କ୍ରୋଧାନ୍ୱିତ ହୋଇ ସସୈନ୍ୟ ପୂର୍ବ ଯାତ୍ରା କଲେ । ମାତ୍ର ପ୍ରଥମଥର ପରାଜିତ ହୋଇ ନିଜ ଦୁର୍ଗକୁ ପଳାଇ ଆସିଲେ । ପରେ କୌଣସି ଗୁପ୍ତଚର ଠାରୁ ଶୁଣି ପାଇବେବ କର୍ଣ୍ଣାଟ ରାଜ

ବ୍ରାହ୍ମଣମାନଙ୍କ ପ୍ରତି କୌଣସି ପ୍ରକାର ଅସ୍ତ୍ରାଘାତ କରନ୍ତି ନାହିଁ । ଏହା ଶୁଣି ତେଲେଙ୍ଗାଧିପ ଶୂଦ୍ରଙ୍କୁ ଯଜ୍ଞୋପବୀତ ପିନ୍ଧାଇ ବ୍ରାହ୍ମଣ ବେଶଧାରୀ ସେମାନଙ୍କ ସୈନ୍ୟ ଶ୍ରେଣୀ ଭୁକ୍ତ କରାଇ ସେମାନଙ୍କ ସହିତ ପୁନର୍ବାର ଉକ୍ତ କର୍ଣ୍ଣାଟ ନଗରପ୍ରତି ଯୁଦ୍ଧ ଯାତ୍ରା କଲେ । ଏବଂ ସେ ରାଜା ସୈନ୍ୟମାନଙ୍କୁ ବ୍ରାହ୍ମଣ ବେଶଧାରୀ ଦେଖି ଅସ୍ତ୍ରଚାଳନାଦି କାର୍ଯ୍ୟରୁ ବିରତ ହେଲେ । ସୁତରାଂ ପୁରୁଷୋତ୍ତମ ଦେବ ଜୟୀ ହୋଇ ସ୍ୱସୈନ୍ୟ ଦୁର୍ଗକୁ ଲେଉଟି ଆସି ସୈନ୍ୟମାନଙ୍କୁ ଯଜ୍ଞୋପବୀତାଦି ବ୍ରାହ୍ମଣବେଶ ପରିତ୍ୟାଗ କରିବା କାରଣ କହିବାରୁ ସେମାନେ କହିଲେକ "ମହାରାଜ ସମ୍ମୁଖରେ ଅସ୍ତ୍ର ପ୍ରଦାନ କରି ଅମ୍ଭମାନଙ୍କୁ ଯଜ୍ଞୋପବୀତ ପିନ୍ଧାଇ ଅଛନ୍ତି, ସୁତରାଂ ଏହି ଶସ୍ତ୍ର ଅସ୍ତ୍ର କିପରି ତ୍ୟାଗ କରିବୁ ?" ଏହା ଶୁଣି ଉତ୍କଳ ରାଜ ମଧ୍ୟ କହିଲେକ, ହେଉ ତୁମ୍ଭେମାନେ କଳସ୍ପର୍ଶ ଗୋଷ୍ଠୀ ବା ହଳୁଆ ବ୍ରାହ୍ମଣ ନାମରେ ଖ୍ୟାତ ହେବ । ମାତ୍ର ଏ ପ୍ରବାଦ ସମ୍ବନ୍ଧରେ ଉକ୍ତ ପଣ୍ଡିତ ହସ୍ତ କହୁଅଛନ୍ତି ଯେ, ଯେଉଁ ରାଜବର୍ଗ ବୈଦିକ ଧର୍ମର ସଂସ୍ଥାପକ ଓ ବିଶ୍ୱାସୀ ଏବଂ ମହାବୀର ସେହି ବଂଶୋଦ୍ଭବ ଜଣେ ରାଜା ଶୂଦ୍ରକୁ ବ୍ରାହ୍ମଣ କରାଇ ବେଦବିରୋଧୀ କାର୍ଯ୍ୟକୁ ଦେଶ ମଧ୍ୟରେ ଚଳାଇବେ, ଏହା ସମ୍ପୂର୍ଣ୍ଣ ଅସମ୍ଭବ । ମାତ୍ର ଏଥିରେ ଗୂଢ଼ ରହସ୍ୟ ଅନ୍ୟପ୍ରକାର ଥିବାର ପ୍ରକାଶ କରୁଅଛନ୍ତି ।

ଉତ୍କଳରେ ବୌଦ୍ଧଧର୍ମ ପ୍ରବର୍ତ୍ତିତ ହେଉଥିବା ସମୟରେ ବ୍ରାହ୍ମଣ କୁଳୋଦ୍ଭବ ଯେଉଁମାନେ ବର୍ତ୍ତମାନ ବ୍ରାହ୍ମସମାଜ ପ୍ରଭୃତି ବ୍ରାହ୍ମଣମାନଙ୍କ ପରି ବୈଦିକ ଧର୍ମ ପରିତ୍ୟାଗ କରୁଥିଲେ, କେବଳ ପଇତାଟିକୁ ଧାରଣକରି ସୂତ୍ରଧାରୀ ହୋଇ ବ୍ରାହ୍ମଣ ବୋଲି ପରିଚିତ ହେଉଥିଲେ, ସେହି ବ୍ରାହ୍ମଣମାନେ କେବଳ

ବୌଦ୍ଧଯୁଗର ପରେ ବ୍ରହ୍ମାଙ୍କର ଉପଦେଶର ପ୍ରଚାର କାର୍ଯ୍ୟମାନ ସ୍ୱଚକ୍ଷୁରେ ଦେଖିପାରି ସର୍ବଶେଷରେ ବ୍ରହ୍ମାଙ୍କର ଶରଣାଗତ ହେଲେ। ଏବଂ କହିଲେ ଯେ, "ଆପଣ ତ ପୁନର୍ବାର ବୈଦିକ ଯୁଗର ଅନୁଷ୍ଠାନମାନ ପ୍ରବର୍ତ୍ତ କଲେ, ଆମ୍ଭମାନଙ୍କର ତ ଅପରାଧ ହେଲା ଯେ, ଆମ୍ଭମାନଙ୍କୁ ନ ଜୀବ ବ୍ରାହ୍ମଣ ସମାଜରେ ଗ୍ରହଣ କଲେ ନାହିଁ"। ବ୍ରହ୍ମା ସେମାନଙ୍କର ଏପରି ଅନୁନୟ ବିନୟ ବଚନମାନ ଶୁଣି ଏବଂ ସେମାନଙ୍କର କୌଳିକ ଆଚରଣରେ ଅଧିକାଂଶ ଶୁଦ୍ର ଧର୍ମ ପ୍ରବେଶ କରିଥିବାର ଦେଖି "ହାଲକଶ୍ରେଣୀ" ବୋଲି ନିକୃଷ୍ଟ ବ୍ରାହ୍ମଣ ମଧ୍ୟରେ ଗ୍ରହଣ କଲେ, ଏବଂ କେତେକ ବୈଦିକ ବିଧି ମଧ୍ୟ ସେମାନଙ୍କର ଗୃହରେ ଚଳିବାର ବିଧାନ କରି ବ୍ରାହ୍ମଣଙ୍କର ଅପମାନିତ ହେବା ଭୟରେ ଶୁଦ୍ର ସଙ୍ଗ ମାତ୍ର ଚଳାଇ ଥିଲେ।

ସ୍ୱର୍ଗୀୟ ଭୂସ୍ୱାମୀ ସାମନ୍ତ ୬ ରାଜନାରାୟଣ ଦାସ ମହାଶୟ ମୋଠାରୁ ଏହି ପ୍ରବନ୍ଧ ଶୁଣି "ମୋର ମଧ୍ୟ ଏହି ମତ" ବୋଲି ଅନୁମୋଦନ କରିଥିଲେ। ଏବଂ କହିଥିଲେ ଯେ ଶୁଦ୍ର ଗୃହକାର୍ଯ୍ୟ ବାଲ୍କୁ ର ଉତ୍କଳ ରାଜବଂଶୀୟ ଧର୍ମପ୍ରିୟ କୌଣସି ରାଜା ବ୍ରାହ୍ମଣ କରାଇଥିବାର କଥାଟି କେବେ ବିଶ୍ୱାସ ଯୋଗ୍ୟ ହୋଇ ନ ପାରେ।

ଏହି ମତାନୁସାରେ ଉକ୍ତ ବ୍ରହ୍ମପଦ୍ଧତିଶାସ୍ତ୍ରଗ୍ରନ୍ଥରେ ଉଲ୍ଲିଖିତ ବଚନମାନ ଯାହା ଦେଖିଥିଲୁ ତାହା ଦର୍ଶାଇ ଦେଲୁ—

ଦ୍ୱିଜ ଚିତ ଧର୍ମଃ ବୈଦିକ୍ ଶୁଦ୍ର ଚିତ ଧର୍ମ ପ୍ରଥା
ସ୍ୱହସ୍ତ ହଲଗ୍ରାହିଣଃ ; ଶୁଦ୍ର ସମ୍ପର୍କ ଦୂଷିତାଃ
ବ୍ରହ୍ମବିଦ୍ୟା ବିରହିତାଃ ; ବ୍ରାହ୍ମଣୈଃ ସଦନିଂଦିତା
ବ୍ରହ୍ମାଣଂ ଶରଣଂ ଗତାଃ ; ଅନୁନୟନ୍ତିଃ ପୁନଃ ପୁନଃ

ତେଷାଂ ବଚନ ମାକର୍ଣ୍ଣ୍ୟ ; ବିଚାର୍ଯ୍ୟ ସ୍ୱଧିୟା ବ୍ରହ୍ମା
ଦ୍ୱିଜେଭ୍ୟୁ ତେଷାଂ ଶୀଚତ୍ୱଂ ; ଦତ୍ତ୍ୱାଚ କର୍ମାଣି ବିଦଧୌ
ସ୍ନାନାନନା ଗ୍ରେଭୁ ପୁନଃ ; ପାଦୌଚସ୍ୟ ବିବଦରେ .
ତେଷା ମନ୍ନ୍ନସ୍ୱଂ ଶ୍ରୁତ୍ୱା ; ସାନ୍ତ୍ୱୟିତ୍ୱା ପୁନଃ ପୁନଃ
ଯୂୟଂ କାଳକ୍ରମେ ଣୈବ ; ଭବିଷ୍ୟଥ ଦ୍ୱିଜୋତ୍ତମାଃ
ଦ୍ୱିଜୋତ୍ତମାନାଂ ସପ୍ତବାପକ୍ଷବା , ସମ୍ବନ୍ଧଂ ବିଧାୟ
କ୍ରମେଣୋଚ୍ଚାଭବିଷ୍ୟଥ ; ଯୁଷ୍ମାକଂ ସୁବ୍ରାହ୍ମଣ୍ୟଂତେତ୍
ବିଧାସ୍ୟାମି ସଦ୍ୱୈମାଂ ; ଶାସ୍ତ୍ରବଗୋଧନଂ ବ୍ରୂୟୁଃ
ଯୂୟଂ ଦ୍ୱିଜ କୁଳୋଦ୍ଭବା ; ଅପି କ୍ଷୁଦ୍ର କର୍ମାଣଃ
ପୁନଃ ଦ୍ୱିଜାଗାନ୍ ଷଡ୍ୟସ୍ୟ , ପୂତାଭବିଷ୍ୟଥ
ଉକ୍ତ୍ୱୈତ୍ତ୍ୱା ପୁରତଃ ବେଶା ; ଷନ୍ତର୍ଦ୍ଦଧେ

ପରିଶେଷରେ ଏହି ବଚନମାନ ଉକ୍ତ ପଣ୍ଡିତଦ୍ୱୟଙ୍କୁ ଦେଖାଇବାରୁ କେତେକ କହି ମୋ ପ୍ରତି ଶୁଭାଶୀର୍ବାଦ ପ୍ରୟୋଗ କରିଥିଲେ । ଅବଶ୍ୟ ଏ ସମସ୍ତ ବଚନମାନ ଦଶୁବ କର କେତେକ ଅଂଶ ସତ୍ୟବାଦୀ ପତ୍ରିକାରେ ପ୍ରକାଶିତ କରିଥିଲି । ବର୍ତ୍ତମାନ ଗ୍ରନ୍ଥାକାରରେ ଛପାଇବାକୁ ଆରମ୍ଭ କରୁଅଛି । ଏହା ବ୍ରାହ୍ମଣ ସମାଜରେ ଆଦୃତ ହେଲେ ସମଧିକ ଆନନ୍ଦିତ ହେବ ।

ସୁବର୍ଣ୍ଣରେଖା ତଟନାମପୁର—
ଗ୍ରାମାଳୟୋ ବିପ୍ରପଦାବ୍ଜ ରେଣୁଃ ॥
ଷଡ଼ଙ୍ଗି ବଂଶୋଦ୍ଭବଶ୍ରୀରଧର୍ମ୍ମା
ଶ୍ରୀରୁଦ୍ରନାରାୟଣ ଦେବଶର୍ମ୍ମା ॥
ଦରରୌଚସ୍ୟ ।

[ସମାପ୍ତମ୍]

Printed by S. K. De, at the Town Press, Balasore.



ବୈତରଣୀ କୂଳରେ [illegible] କରିଥିଲେ ।

ଏ ସମସ୍ତ ଯଜ୍ଞ ଅଧିଷ୍ଠାତ୍ରୀ ଦେବୀମାନଙ୍କୁ ନିମନ୍ତ୍ରଣ କରିଥିଲେ । ସେହିବାର ବୈତରଣୀ ଦେବୀ ଋତୁମତୀ ହୋଇ ଯଜ୍ଞ ସ୍ଥାନରେ ଉପସ୍ଥିତ ହୋଇ ପାରିଲେ ନାହିଁ । ତହୁଁ କୋପାନ୍ୱିତ ବ୍ରହ୍ମା ଅଭିଶାପ ଦେଲେ ଯେ "ତୁମ୍ଭେ ଏବେ ପୂତିବାହିନୀ ହୁଅ" ଏହା ଶୁଣି ବୈତରଣୀ ଦେବୀ ପାର୍ବତୀ ଦେବୀଙ୍କର ଶରଣାଗତି ହେବାରୁ ସେ ବ୍ରହ୍ମାଙ୍କ ସବୁକଥା ବୁଝାଇ କହିଲେ ; ତହୁଁ ବ୍ରହ୍ମା ଅଭିଶାପର ପ୍ରତିଧାନ କରିଦେଲେ । ମାତ୍ର ଅଭିଶାପ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଚେତ୍ରଗୋତ୍ର ବ୍ରାହ୍ମଣ [illegible] ହୋଇ [illegible] କରିଥିଲେ । ଏମାନେ ଯାଜପୁରଶ୍ରେଣୀରେ [illegible] (ଭରଦ୍ୱାଜ) ଅଛ [illegible] ଜଣ ଜଳପାନ କରି ଥିବାରୁ [illegible] ଧାରଣ କଲେ । ଏମାନେ ଏ ଶ୍ରେଣୀରେ [illegible] ଅଛନ୍ତି । ଏହି ଦ୍ୱିବିଧ ଶ୍ରେଣୀର [illegible] ଜଳପାନ [illegible] ବ୍ରାହ୍ମଣ [illegible] କରିଲେ । ଏହି ଅଭିଶାପ କାଳ ମଧ୍ୟରେ [illegible] ବାହିଣୀ ଗଙ୍ଗାକୂଳରେ ଯାଇ ରହିଗଲେ, ଏମାନେ [illegible] ନାମରେ ପରିଚିତ ।

ଯେଉଁମାନେ ବେଦବେଦ ପୂର୍ବରି ମହୋଦଧି କୂଳରେ ରହିଲେ, ଏମାନେ "ଦକ୍ଷିଣ ଶ୍ରେଣୀ" ନାମରେ ପରିଚିତ । ଏହି ଦକ୍ଷିଣ ଶ୍ରେଣୀ ମଧ୍ୟରେ ଅଷ୍ଟବସୁ ବଂଶ, ବସନ୍ତ ମହାପାତ୍ର ବଂଶ (ସାମନ୍ତ)

[illegible]

... ଉଠନ୍ତୁ, ସ୍ୱଗଣ ଓ ... [illegible]

... ; ପାଠକବାସୀ ବ୍ରାହ୍ମଣମାନଙ୍କ ... [illegible]

[illegible]

ପାରନ୍ତି । ଇତି

[illegible] ସନ୍ଦ୍ୱ,

ନାରାୟଣ ଟୋଲ୍ ।

ତା—

ଶ୍ରୀ ... ପାଣ୍ଡି

ଶ୍ରୀ ରୁଦ୍ରନାରାୟଣ ଷଡ଼ଙ୍ଗୀ ...

ଉତ୍କଳ ବ୍ରାହ୍ମଣ [illegible] ।

ଵିଧିପୂର୍ବକ ଯଜ୍ଞକାରୀ ବ୍ରାହ୍ମଣଙ୍କୁ 'ଯଜ୍ୱା' ବୋଲନ୍ତି । ଏହି ଯଜ୍ୱାମାନଙ୍କର ପୁର 'ଯଜ୍ୱପୁର' । ପାଣିନି ମହର୍ଷି ଶୌଣ୍ଡାଦି ପ୍ରକରଣରେ ଉକ୍ତ ପ୍ରକାର ବ୍ରାହ୍ମଣଙ୍କୁ 'ଯାଜୀ' ବୋଲି ମଧ୍ୟ କହି ଅଛନ୍ତି । ଏହି ଯାଜୀମାନଙ୍କର ପୁର "ଯାଜପୁର" । 'ଯଜ୍ୱପୁର' ଅଥବା 'ଯାଜପୁର' ଏହି ଦୁଇଗୋଟି ଶବ୍ଦ ବର୍ତ୍ତମାନ ପ୍ରଚଳିତ ଯାଜପୁର ଶବ୍ଦର ଆଦିଶବ୍ଦ ଅଟେ । ଏହି ଯାଜପୁରସ୍ଥ ଅଗ୍ନିହୋତ୍ରୀ ବ୍ରାହ୍ମଣମାନଙ୍କ ଗୃହରୁ ପ୍ରାଚୀନ ବାଜପେୟୀମାନଙ୍କ ଦ୍ୱାରା ଲିଖିତ କେତେଗୁଡ଼ିଏ ତାଳପତ୍ର ପୁସ୍ତକ ସଂଗ୍ରହ କରିଥିଲି । ସେଥିମଧ୍ୟରେ "ବ୍ରହ୍ମପରିଭାଷା" ନାମରେ ଖଣ୍ଡିଏ ଜରାଜୀର୍ଣ୍ଣ ତାଳପତ୍ର ପୁସ୍ତକ ତତ୍ରତ୍ୟ ସ୍ୱର୍ଗୀୟ ଘନଶ୍ୟାମ ଅଗ୍ନିହୋତ୍ରୀଙ୍କର ମଖଶାଳା ମଧ୍ୟସ୍ଥିତ ପୁସ୍ତକ ମାନ ମଧ୍ୟରୁ ପାଇଥିଲି । ସେ ଖଣ୍ଡିକ ପାଠ କରି ଐତିହାସିକ ବିବରଣ ଜାଣିଲା ପରେ ହୃଦୟ ଆନନ୍ଦ କଲ୍ଲୋଳରେ ଯେପରି ଭାସମାନ ହୋଇଥିଲା । ସେଥିର ସଂସ୍କୃତଭାଷା ଗୁଡ଼ିକ ଦେଖି ସେହିପରି ବିଷାଦ ମଧ୍ୟ ଅନୁଭବ କରିଥିଲା ବହୁକ୍ଷଣ ଚିନ୍ତାକରି ସ୍ଥିର କରିଥିଲି ଯେ—ଏ ପୁସ୍ତକ ଖଣ୍ଡିକ ଇତିହାସାଭିଜ୍ଞ କୌଣସି ପୁରୋହିତ ଶ୍ରେଣୀର ବ୍ରାହ୍ମଣ ଦ୍ୱାରା ଲିଖିତ ହୋଇଥିବ । 'କାରଣ ଉତ୍କଳଦେଶର ଗୋଟିଏ ଚିରନ୍ତନ କୁପ୍ରଥା ଏହି ଯେ—ପୁରୋହିତ ବ୍ରାହ୍ମଣମାନେ ଭାଷା ଜ୍ଞାନର ମୂଳକାରଣ ବ୍ୟାକରଣର ଧାରକୁ ସୁଦ୍ଧା ଯାଆନ୍ତି ନାହିଁ । ଯଜମାନ ଯେତେ ବଡ଼ ବିଦ୍ୱାନ୍ ଏବଂ ଯେତେ ବଡ଼ ଧନୀ ହେଉନ୍ତୁ

ବାଜପେୟୀ ବଂଶ, ଏମାନେ ଶିଖା ବ୍ରାହ୍ମଣ । ଏମାନଙ୍କ ମଧ୍ୟରୁ କେତେକ ଷୋଳ ଶାସନବାସୀ "ବୈଦିକ ଶ୍ରେଣୀ" ବ୍ରାହ୍ମଣ ସଙ୍ଗରେ ସମ୍ପର୍କ କରି ଓ କୁଳ ହୋଇ ଯାଇଅଛନ୍ତି । କିନ୍ତୁ ଉପରେଲ ଉକ୍ତ ବା ଉତ୍କଳ ମଧ୍ୟରୁ ଗୋଟିଏ ସୁଦ୍ଧା ଉତ୍ତର-ସ୍ଥଳକୁ ଆସି ନାହାନ୍ତି ।

ଉତ୍କଳାଧିପତି ଦାସ ନାଏକ କାର୍ଯ୍ୟରେ ନିଯୁକ୍ତ କେତେକ କରଣ, ସେନାପତି କାର୍ଯ୍ୟରେ ନିଯୁକ୍ତ କେତେକ ମହାପାତ୍ରଙ୍କ ନିଜ, ନଗର ପୁରୋହିତମାନଙ୍କ ଅଧୀନ ଉଚ୍ଚ ଅଧିକାର ଭୂମିରେ ବାସ କରାଇ ଥିଲେ। ଆଉ କେତେକ ସାଥୀ ବ୍ରାହ୍ମଣ ଯାତ୍ରୀମାନଙ୍କ ସଙ୍ଗରେ ଆସି ଉତ୍ତରାଞ୍ଚଳରେ ବାସ କରି ରହି ଯାଇ ଅଛନ୍ତି. କିନ୍ତୁ ଏମାନେ ଭିନ୍ନ ଭିନ୍ନ କୁଳସଂଜ୍ଞାର ମର୍ମାର୍ଥ ବୁଝି ନପାରି ଦୋଷାନ୍ୱେଷିମାନଙ୍କ ନିକଟରେ ଅପଦସ୍ଥ ହୋଇ ଥାଆନ୍ତି । ଏହି କାରଣରୁ "ବ୍ରହ୍ମ ଯଜ୍ଞ ଭାଷ୍ୟ" ଗ୍ରନ୍ଥରୁ ଅତ୍ୟାବଶ୍ୟକୀୟ ଅଂଶ ଉଦ୍ଧାର କରି "କୁଳସଂଜ୍ଞା" ନାମଦେଇ ପ୍ରକାଶିତ କଲି । ସମସ୍ତ ଅଂଶ ପ୍ରକାଶିତ କରିବା ସାଧ୍ୟାତୀତ । ଏହି ସଂଜ୍ଞାପତ୍ରମାନ ଅନ୍ୟାନ୍ୟ ଧର୍ମଗ୍ରନ୍ଥ ସଙ୍ଗରେ ମେଳ ଥିବା ସ୍ଥଳରେ ସେମାନଙ୍କ ମଧ୍ୟ ଉଦ୍ଧାର କରି ନିମ୍ନରେ ଦେଖାଇ ଦେଲି । ଦୟାକରି ଏଥିରୁ ଖଣ୍ଡିଏ ଖଣ୍ଡିଏ ନେଲେ ଅନ୍ୟାନ୍ୟ ଉପକାରୀ ଗ୍ରନ୍ଥମାନ ପ୍ରକାଶିତ କରି ପାରିବ । ଅଲମତି ବିସ୍ତରେଣ ।

ବାଲେଶ୍ୱର ସନାତନ
ରାଜନାରାୟଣଗଡ଼ଠାଲ

ବିନୀତ ପ୍ରକାଶକ—
ଶ୍ରୀ ରୁଦ୍ରନାରାୟଣ ଷଡ଼ଙ୍ଗୀ କାବ୍ୟତୀର୍ଥ ।